

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୪ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 4 FEBRUARY 2024
Vol.No. 35 ■ No.34 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଘରକୁ ପିଟିଲା କାର: ୪ସାଙ୍ଗ ମୃତ

କଟକ, ୩/୨ (ନି.ପ୍ର): ଭାରସାମ୍ୟ ହରାଇ ଘରର କାନ୍ଥକୁ ପିଟିଲା କାର। ଦୁର୍ଘଟଣାରେ ୪ସାଙ୍ଗଙ୍କର ମୃତ୍ୟୁ ଘଟିଛି। କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନଙ୍କ ମଧ୍ୟରେ ଜଣଙ୍କ ଘର ବାଙ୍କି ହରିରାଜପୁରର ହୋଇଥିବା ବେଳେ ଜଣଙ୍କ ଘର ବାଙ୍କି ପାଳପୁଟର, ଜଣଙ୍କ ଘର ବଡମ୍ବା ଓ ଅନ୍ୟ ଜଣଙ୍କ ଘର ଖଜୁରିପଦା ଗାଁରେ ବୋଲି ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ବିବାହ ଭୋଜିରୁ ୪ଜଣ ସାଙ୍ଗ କାର ଯୋଗେ ଘରକୁ ଫେରୁଥିଲେ। କୋଇଲିକନ୍ୟା ଗାଁ ନିକଟରେ କାରଟି ଭାରସାମ୍ୟ ହରାଇ କାନ୍ଥରେ ପିଟି ହୋଇଥିଲା। ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ତିଗିରିଆ ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି । ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି।

## କାଲି ମୃତ ଆଜି ଜୀବିତ

ନୂଆଦିଲ୍ଲୀ, ୩/୨ : ଭିଡିଓ ବାର୍ତ୍ତା ଜାରି କରି ମଡେଲ ତଥା ଅଭିନେତ୍ରୀ କହୁଛନ୍ତି ତାଙ୍କର ମୃତ୍ୟୁ ହୋଇନି । ତାଙ୍କୁ କ୍ୟାନସର ମଧ୍ୟ ହୋଇନି । ସେ ସମ୍ପୂର୍ଣ୍ଣ ଜୀବିତ ଓ ସୁସ୍ଥ ଅଛନ୍ତି। ଇନଷ୍ଟାଗ୍ରାମ ପେଜରେ ଭିଡିଓ ଜାରି କରି ତାଙ୍କ ମୃତ୍ୟୁ ଖବର ଏକ ପବଲିସିଟି ଷ୍ଟଂଟ ଥିଲା ବୋଲି କହିଛନ୍ତି ପୁନମ ପାଣ୍ଡେ । ସମାଲୋଚନା ଓ ଆକ୍ରୋଶର ଶିକାର ହେବା ପରେ ପୁନମ ସଫେଇ ମଧ୍ୟ ରଖିଛନ୍ତି । ସର୍ଭାଇକାଲ କ୍ୟାନସର ବିରୋଧରେ ସଚେତନ କରିବାକୁ ସେ ଏଭଳି ଖବର ପ୍ରଚାର କରିଥିବା କହିଛନ୍ତି ।

▶▶ପୃଷ୍ଠା ୭

# ଯାହା ନିକଟରେ କାହାର ସାହାରା ନାହିଁ ତା ପାଖରେ ଅଛି ମୋଦୀର ଗ୍ୟାରେଣ୍ଟି: ପ୍ରଧାନମନ୍ତ୍ରୀ



ସମ୍ବଲପୁର, ୩/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦିନିକିଆ ସମ୍ବଲପୁର ଗସ୍ତରେ ଆସି ଏଠାକାର ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ କରିଥିଲେ। ଏହା ସହିତ ମୋଟ ୬୮ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ ପ୍ରଧାନମନ୍ତ୍ରୀ। ସେହିପରି ସମ୍ବଲପୁରର ରେମେଡରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଜନସଭାରେ ନିଜ ସରକାରଙ୍କ ଉପଲବ୍ଧି ରଖିବା ସହ ଚାଷୀ, ମହିଳା, ଯୁବ ବର୍ଗ ଏବଂ ଓଡ଼ିଶା ବିକାଶରେ କେନ୍ଦ୍ରର ବିଜେପି ସରକାରର ଯୋଗଦାନ କଥା କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଜୟ ଜଗନ୍ନାଥ, ଜୟ ମାଆ ସମଲେଇ ନାରାରୁ ନିଜ ଭାଷଣ ଆରମ୍ଭ କରିଥିଲେ । ଏହାସହ ସମ୍ବଲପୁରୀ ଭାଷାରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ବୀର ସୁରେନ୍ଦ୍ର ସାଏ, ସନ୍ଥ କବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଚଳିତ ବର୍ଷ ପଦ୍ମଶ୍ରୀ ପାଇଁ ମନୋନୀତି ଚାରି ଓଡ଼ିଆଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନିଜ ଉଦବୋଧନରେ ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନ ଦିଆଯିବା କଥା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଏହି ସମ୍ମାନ ରାଷ୍ଟ୍ରସେବାର ସମ୍ମାନ, ଏହି ସମ୍ମାନ ସେହି ବିଚାରଧାରାର ମଧ୍ୟ ଯିଏ କେବେଳ ରାଷ୍ଟ୍ର ପ୍ରଥମକୁ ନେଇ ଚାଲିଛି । ଏହି ସମ୍ମାନ ଦୁଇ ସାଂସଦଙ୍କଠାରୁ ଆରମ୍ଭ ଦେଶର ସବୁଠୁ ବଡ଼ ପାର୍ଟି ହେବା ଏବଂ ଗଣତନ୍ତ୍ରକୁ ମଜଭୁତ କରିଥିବା କାର୍ଯ୍ୟକର୍ତ୍ତାଙ୍କ ସମ୍ମାନ । ଆଡଭାନୀ ଜୀ ଦେଶର ଗଣତନ୍ତ୍ରକୁ ଗୋଟିଏ ପରିବାର କବଳରୁ ମୁକ୍ତ କରିବାରେ ନିରନ୍ତର ଉଦ୍ୟମ କରିଥିଲେ । ସେ ପରିବାରବାଦୀ ବିଚାରଧାରାରୁ ବାହାର କରି ରାଷ୍ଟ୍ରବାଦୀ ବିଚାରଧାରା ସହ ଯୋଡ଼ିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କେନ୍ଦ୍ରର ବିଜେପି ସରକାର ଓଡ଼ିଶାର ବିକାଶରେ ସବୁବେଳେ ରହିଛି । ଏଥିପାଇଁ ସମସ୍ତେଙ୍କୁ ଶୁଭେଚ୍ଛା । ଗତ ୧୦ ବର୍ଷରେ ଯେଉଁ ନୀତିରେ ଚାଲି ଦେଶର ୨୫ କୋଟି ଲୋକଙ୍କୁ ଗରିବୀରୁ ବାହାର କରାଯାଇଛି, ଚଳିତ ବଜେଟ୍ ତାକୁ ଅଧିକ ମଜଭୁତ କରୁଛି । ଏହି ବଜେଟ୍ ହେଉଛି ଗରିବଙ୍କୁ ସଶକ୍ତ କରିବାର ଗ୍ୟାରେଣ୍ଟି । ଯୁବ ବର୍ଗ, ମହିଳା, ଚାଷୀ, ମତ୍ସ୍ୟ ଚାଷୀ ସମସ୍ତଙ୍କ ବିକାଶର ଗ୍ୟାରେଣ୍ଟି । ପିଏମ୍ କହିଛନ୍ତି, ମୋଦୀଙ୍କ ଗ୍ୟାରେଣ୍ଟି ମାନେ ଗ୍ୟାରେଣ୍ଟି ପୂରଣ ହେବାର ଗ୍ୟାରେଣ୍ଟି । ମୋଦୀଙ୍କ ଗ୍ୟାରେଣ୍ଟି ସବୁ ଦେଶବାସୀଙ୍କ ନିକଟରେ ପକ୍କା ଘର ହେବ । ଓଡ଼ିଶାରୁ ୨୫ ଲକ୍ଷ ଲୋକଙ୍କୁ ପିଏମ୍ ଆବାସରେ ଘର ମିଳିଛି । ଏହି ବଜେଟରେ ଗରିବଙ୍କ ପାଇଁ ▶▶ପୃଷ୍ଠା ୭

## ‘ଭାରତ ରତ୍ନ’ରେ ସମ୍ମାନିତ ହେବେ ଲାଲକୃଷ୍ଣ ଆଡଭାନୀ



ନୂଆଦିଲ୍ଲୀ, ୩/୨ : ‘ଭାରତ ରତ୍ନ’ରେ ସମ୍ମାନିତ ହେବେ ଲାଲକୃଷ୍ଣ ଆଡଭାନୀ। ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଲାଲକୃଷ୍ଣ ଆଡଭାନୀଙ୍କୁ ପ୍ରଦାନ କରାଯିବ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ’ଭାରତ ରତ୍ନ’। ଏନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏକ ଏକ୍ସ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନ ସମ୍ମାନିତ କରାଯିବା ନେଇ ଶେଆର କରି ଖୁବ୍ ଖୁସିବ୍ୟକ୍ତ କରିଛନ୍ତି। ’ଆଡଭାନୀଜୀଙ୍କ ସହ କଥା ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଥିବା’ ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ‘ଆମ ସମୟର ସବୁଠୁ ସମ୍ମାନନୀୟ ରାଷ୍ଟ୍ରନେତା ହେଉଛନ୍ତି ଲାଲକୃଷ୍ଣ ଆଡଭାନୀ। ଭାରତର ପ୍ରଗତି ପାଇଁ ତାଙ୍କର ଯୋଗଦାନ ସ୍ମରଣୀୟ। ସେ ତୃଣମୂଳ ସ୍ତରରୁ ଯାତ୍ରା ଆରମ୍ଭ କରି ଉପପ୍ରଧାନମନ୍ତ୍ରୀ ହୋଇଥିଲେ। ସ୍ୱରାଷ୍ଟ୍ର, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ ମାଧ କାର୍ଯ୍ୟ କରିଛନ୍ତି।’ ରାଜନୈତିକ କ୍ଷେତ୍ରରେ ସେ ଏକ ଆଦର୍ଶ। ଜାତୀୟ ଏକତା ଏବଂ ସଂସ୍କୃତିର ପୁନରୁଦ୍ଧାର କ୍ଷେତ୍ରରେ ତାଙ୍କର ଉଦ୍ୟମ ଅତୁଳନୀୟ। ସେ ଭାରତ ରତ୍ନ ପାଇବାକୁ ଯାଉଥିବା ଘୋଷଣା କରିବା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ। ତାଙ୍କ ସହ କାମ କରିବା, ତାଙ୍କଠାରୁ ଅନେକ କିଛି ଶିଖିବାର ସୁଯୋଗ ପାଇଛି, ଯାହାକୁ ମୁଁ ମୋର ସୌଭାଗ୍ୟ ବୋଲି ମନେକରୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ୯୬ ବର୍ଷୀୟ ଏହି ବରିଷ୍ଠ ରାଜନେତା ▶▶ପୃଷ୍ଠା ୭

## ଅଜଣା ରୋଗରେ ୩ ଦିନରେ ୪ ଜଣଙ୍କ ମୃତ୍ୟୁ: ତଦନ୍ତ ପାଇଁ ଗାଁରେ ପହଞ୍ଚିଲା ଟିମ୍

ରାୟଗଡ଼ା, ୩/୨ (ନି.ପ୍ର): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ କୁଚେଇପର ପଞ୍ଚାୟତର କେ. କୋରକ ଗାଁରେ ଅଜଣା ରୋଗରେ ତିନି ଦିନରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଉଛନ୍ତି- ଚମ୍ପା ସାହୁ, ଖଗ ଝଡ଼ିଆ, ଅଭି ଘଣ୍ଟିଆ ଓ ବନ ଝଡ଼ିଆ। ସେହିପରି ଆଉ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହିତ ଆଉ ୪ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି, ତାହା ଜଣାପଡ଼ିନାହିଁ। ଗାଁ ଲୋକେ ଝରଣାରୁ ପାଣି ପିଉଛନ୍ତି। ଦୂଷିତ ଜଳ ଯୋଗୁ ଗାଁରେ ଏଭଳି ଘଟିଛି ନା କୌଣସି ବିଷାକ୍ତ ଖାଦ୍ୟ ଖାଇବା ଯୋଗୁ ଏମିତି ଘଟିଛି ନା ଗାଁରେ ସତରେ କୌଣସି ଅଜଣା ରୋଗ ବ୍ୟାପିଛି, ତାହା ସ୍ପଷ୍ଟ ହୋଇପାରିନି। ତେବେ ଗାଁ ଲୋକଙ୍କ କହିବା ଅନୁଯାୟୀ ପୀଡ଼ିତମାନଙ୍କଠାରେ ପେଟ ବ୍ୟଥା ▶▶ପୃଷ୍ଠା ୭

## ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

### ଓଡିଆ ଜାତି, ଓଡିଆ ଭାଷାର ଭବିଷ୍ୟତ ଉଜ୍ଜଳ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩/୨ (ନି.ପ୍ର): ଆରମ୍ଭ ହୋଇଛି ଓଡିଆ ଭାଷାର ମହାକୁମ୍ଭ। ଓଡିଆ ଭାଷାର ମହୋତ୍ସବ। ଓଡିଆ ଭାଷାର ଉଲ୍ଲାସର ପର୍ବ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର ଜନତା ମଇଦାନଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦଘାଟନ କରିଛନ୍ତି। ସମ୍ମିଳନୀରେ ଓ ସାରା ରାଜ୍ୟରେ ଏବଂ ଦେଶ ବିଦେଶରେ ଥିବା ସବୁ ଓଡିଆ ଆଜି ଏକ ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ କରି ଓଡିଆ ଭାଷାର ଏହି ମହୋତ୍ସବରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଏହି ସମ୍ମିଳନୀରେ ଯାହା ପ୍ରସ୍ତାବ ଆସିବ, ରାଜ୍ୟ ▶▶ପୃଷ୍ଠା ୭

## ଝାଡ଼ଖଣ୍ଡରେ ଫ୍ଲୋର ଟେଷ୍ଟ ପୂର୍ବରୁ ରିଜର୍ଟ ପଲିଟିକ୍ସ: ହାଇଦ୍ରାବାଦରେ ୪୦ ବିଧାୟକ

ଝାଡ଼ଖଣ୍ଡ: ଥମୁନି ଝାଡଖଣ୍ଡ ପଲିଟିକ୍ସ। ମୁଖ୍ୟମନ୍ତ୍ରୀ ବଦଳିଛନ୍ତି କିନ୍ତୁ ଜାରି ରହିଛି ହଟଚମଟ। ହେମନ୍ତ ସୋରେନ୍‌ଙ୍କୁ ଇଡି ନେବା ପରେ ଚମ୍ପାଇ ସୋରେନ୍ ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତେବେ ଚମ୍ପାଇ ସରକାରଙ୍କ ସ୍ଥିତି ଏବେ ଟଳମଳ ରହିଛି। ଜେଏମ୍‌ଏମ୍ ନେତୃତ୍ୱ ମେଣ୍ଟ ସରକାରକୁ ଭାଙ୍ଗିବା ଭୟ ଘାରିଛି।



ସୋମବାର ଚମ୍ପାଇ ସରକାରଙ୍କ ଫ୍ଲୋରଟେଷ୍ଟ ହେବ। ଏହା ପୂର୍ବରୁ ଆରମ୍ଭ ହୋଇଯାଇଛି ରିଜର୍ଟ ପଲିଟିକ୍ସ। ଶକ୍ତି ପରୀକ୍ଷଣ ପୂର୍ବରୁ ୪୦ ବିଧାୟକଙ୍କୁ ହାଇଦ୍ରାବାଦ ସିଫ୍ଟ କରାଯାଇଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତୃତ୍ୱ ମେଣ୍ଟ ସରକାରର ପ୍ରାୟ ୪୦ ବିଧାୟକଙ୍କୁ ଶକ୍ତି ପରୀକ୍ଷଣ ପୂର୍ବରୁ ସରକାର ଭାଙ୍ଗିଯିବା ଭୟରେ ▶▶ପୃଷ୍ଠା ୭

## ସମନକୁ ଖାତିର କରୁ ନାହାନ୍ତି କେଜ୍ରିୱାଲ: କୋର୍ଟରେ ପହଞ୍ଚିଲା ଇଡି

ନୂଆଦିଲ୍ଲୀ, ୩/୨ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଇଡି। ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି କେଜ୍ରିୱାଲଙ୍କୁ ହାଜର ହେବାକୁ ୫ଥର ସମନ କରି ସାରିଲାଣି। କିନ୍ତୁ ସେ ଥରେ ହେଲେ ବି ଜେରାର ସମ୍ମୁଖୀନ ହେବାକୁ ଇଡି ପାଖରେ ହାଜର ହୋଇ ନାହାନ୍ତି। ଶୁକ୍ରବାର କେଜ୍ରିୱାଲ ଇଡିର ୫ମ ସମନକୁ ବେଖାତିର କରିଥିଲେ। ଏଥିପାଇଁ ଆଜି ଇଡି ଦିଲ୍ଲୀର ରୋଜ ଆଭିନ୍ୟୁ କୋର୍ଟର ଦ୍ୱାରସ୍ଥ ହୋଇଛି। କେଜ୍ରିୱାଲଙ୍କ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଇଡି ତା’ର ଆବେଦନରେ ଉଲ୍ଲେଖ କରିଛି। ▶▶ପୃଷ୍ଠା ୭

## ଫକୀରମୋହନ ସାହିତ୍ୟ ପରିଷଦ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର, ୦୩/୦୨ : (ନି.ପ୍ର) ସଂପ୍ରତି ବିଶ୍ୱ ଓଡ଼ିଆ ସମ୍ମିଳନୀ ସାରା ରାଜ୍ୟରେ ପାଳନ ହେଉଥିବା ପରିପ୍ରେକ୍ଷୀରେ ବାଲେଶ୍ୱରରେ ଜିଲ୍ଲା ସ୍ତରର ଏକ ଓଡ଼ିଆ ସାହିତ୍ୟ ଆସର ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ତେବେ ଯେଉଁ ଫକୀର ମୋହନ ସାହିତ୍ୟ ପରିଷଦ ସମ୍ବିଧାନ ବହିର୍ଭୂତ କାର୍ଯ୍ୟ କରିଥିବାରୁ ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ନ୍ୟାୟାଳୟର କାଠଗଡା ଭିତରେ ଠିଆ ହୋଇଛି, ସେଇପରି ଏକ ଅଗଣତାନ୍ତ୍ରିକ ସାହିତ୍ୟ ପରିଷଦକୁ କିପରି ଦାୟିତ୍ୱ ଦିଆଗଲା ବୋଲି ବିଶିଷ୍ଟ ଲେଖକ ଡ. ରାଧାରଂଜନ ପଟ୍ଟନାୟକ, କବି ଅଭୟ ଦାସ ଓ ଗାଳ୍ପିକ ଉଦୟ ନାରାୟଣ ଦାସ ବାଲେଷ୍ୱର ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବାର ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବାଲେଶ୍ୱର ଜିଲ୍ଲାରେ ଯେଉଁ ସାରସ୍ୱତ ସ୍ରଷ୍ଟା ନିରନ୍ତର ସାହିତ୍ୟ ସାଧନାରେ ବ୍ରତୀ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରିବାର ଯୋଗ୍ୟତା ଓ ମାପିବାର ମାପକ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । କାରଣ ପରିଷଦରେ ଦିଆଯାଉଥିବା ପୁରସ୍କାର ପ୍ରଦାନରେ ନିରପେକ୍ଷତା ରହୁନଥିବାରୁ ଓ ଉପଯୁକ୍ତ ବ୍ୟକ୍ତିବିଶେଷଙ୍କୁ ଏଥିରୁ ବାଦ ଦିଆଯାଇ ପ୍ରିୟାପ୍ରୀତି ତୋଷଣ କରି ଅନାମଧେୟ ଲେଖକଙ୍କୁ ଏହା ପ୍ରଦାନ କରାଯାଉଛି । ଏଠାରେ ସ୍ମରଣଯୋଗ୍ୟ ଯେ ଯେଉଁମାନେ ପରିଷଦ ଉପରେ ମୋକଦ୍ଦମା କରିଛନ୍ତି ସେମାନଙ୍କ ଭିତରେ ମଧ୍ୟ



ଅନେକ ଯଶସ୍ୱୀ ସାହିତ୍ୟିକ ଅଛନ୍ତି । ତେଣୁ ଏହା ନିଃସନ୍ଦେହରେ ଯେ କୁହାଯାଇପାରେ ଯେ ଅଗଣତନ୍ତ୍ରିକ ଭାବେ ପରିଷଦକୁ କବଜା କରିଥିବା ବ୍ୟକ୍ତି ବିଶେଷ ସେଇ ଭଳି ଲେଖକଙ୍କର ନାମ ସୁପାରିଶ କରିନଥିବେ । ଯଦିବି ପ୍ରଶାସନ ସ୍ତରରୁ ସେମାନଙ୍କ ନାମ ଥିବ ସେମାନେ ସେମାନଙ୍କୁ ବାଦ ଦେଇଥିବେ । ଯେହେତୁ ଏହା ଓଡିଶା ସରକାରଙ୍କ କାର୍ଯ୍ୟକ୍ରମ, ସେଥିପାଇଁ ନିରପେକ୍ଷ ନୀତି ଅବଲମ୍ବନ କରିବାର ଥିଲା ଓ ଜିଲ୍ଲା ପ୍ରଶାସନ ଏଇମିତି ଏକ ଆଇନର ଜାଲରେ ଛନ୍ଦି ପଡିଥିବା ପରିଷଦକୁ ଦାୟିତ୍ୱ ଦେବା ନିଶ୍ଚୟ ଆମକୁ ବ୍ୟଥିତ କରିଛି ବୋଲି ସେମାନେ ଏହି ସ୍ମାରକପତ୍ରରେ ଦର୍ଶାଇଛନ୍ତି ।

## ପଞ୍ଜାବ ରାଜ୍ୟପାଳଙ୍କ ଇସ୍ତଫା: ରାଜ୍ୟ ସରକାରଙ୍କ ସହ ଥିଲା ବିବାଦ



ପଞ୍ଜାବ, ୩/୨ : ଇସ୍ତଫା ଦେଲେ ପଞ୍ଜାବ ରାଜ୍ୟପାଳ। ରାଜ୍ୟ ସରକାରଙ୍କ ସହ ଚାଲିଥିବା ବିବାଦ ମଧ୍ୟରେ ରାଜ୍ୟପାଳ ବନୱାରିଲାଲ ପୁରୋହିତ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ପଦରୁ ଇସ୍ତଫା ଦେଇଛନ୍ତି ବନୱାରିଲାଲ। ଆଜି ସେ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କୁ ପଠାଇଛନ୍ତି। ଇସ୍ତଫାକୁ ମଞ୍ଜୁରୀ ଦେବାକୁ ରାଷ୍ଟ୍ରପତି ମୁର୍ମୁଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ରାଜ୍ୟପାଳ ବନୱାରିଲାଲ ପୁରୋହିତ। ଖବର ମୁତାବକ, କିଛି ଦିନ ହେବ ରାଜ୍ୟ ସରକାରଙ୍କ ସହ ରାଜ୍ୟପାଳଙ୍କର ବିବାଦ ଚାଲିଥିଲା। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ରାଜ୍ୟପାଳଙ୍କ ବିରୁଦ୍ଧରେ ଅଭିଯୋଗ ମଧ୍ୟ ଆଣିଥିଲେ। ଏପରିକି ମାମଲା ମଧ୍ୟ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଥିଲେ ଯେ, ବିଧାନସଭାରେ ଏକାଧିକ ବିଲ୍ ପାରିତ ହେବା ସତ୍ତ୍ୱେ ରାଜ୍ୟପାଳ ଏହାକୁ ଅନୁମୋଦନ କରୁନାହାନ୍ତି। ନଭେମ୍ବର ୧୦, ୨୦୨୩ରେ ପଞ୍ଜାବ ସରକାର ରାଜ୍ୟପାଳଙ୍କ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ▶▶ପୃଷ୍ଠା ୭

# ଉପେନ୍ଦ୍ର ନାୟକଙ୍କୁ ଭୂଦାରଚଣ୍ଡୀ ମଣ୍ଡଳ ସଭାପତି ଭାବେ ନୂଆ ଦାୟିତ୍ୱ



ନୀଳଗିରି, ୩/୨ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେପିର ଯୁବନେତା ଉପେନ୍ଦ୍ର ନାୟକଙ୍କୁ ବିଜେପି ଭୂଦାରଚଣ୍ଡୀ ମଣ୍ଡଳୀର ନୂତନ ସଭାପତି ଭାବରେ ନିଯୁକ୍ତି ମିଳିଛି। ଏନେଇ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ଶ୍ରୀ ନାୟକ ଜିଲ୍ଲା ସଭାପତିଙ୍କୁ ଧନ୍ୟବାଦ ଦେବାସହ ତୃଣମୂଳ ସ୍ତରରେ ବିଜେପିକୁ ଅଧିକ ସୁଦୃଢ କରିବା ସହିତ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ପ୍ରତି ଲୋକଙ୍କର ସେବା କରିବେ ବୋଲି ପ୍ରକାଶ କରିଛନ୍ତି। ଏଥିସହିତ ମାନ୍ୟବର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଯେପରି ପ୍ରତ୍ୟେକ ପରିବାରର ପହଞ୍ଚିବ ସେଥିପ୍ରତି ଯତ୍ନବାନ ହେବେ ବୋଲି ସୂଚନା ଦେଇଛନ୍ତି। ତାଙ୍କ ନିଯୁକ୍ତି ଖବର ପାଇ ନୀଳଗିରି ବିଜେପିରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଏଥି ସହିତ ନିର୍ବାଚନ ମଣ୍ଡଳୀର ପଞ୍ଚଲିଙ୍ଗେଶ୍ୱର ମଣ୍ଡଳୀରେ ବଳରାମ ବିଶ୍ୱାଳଙ୍କୁ ନୂତନ ସଭାପତି ଦାୟିତ୍ୱ ମିଳିଥିବା ସୂଚନା ମିଳିଛି।

# ଧର୍ମପ୍ରାଣା ମହିଳାଙ୍କ ସ୍ମୃତି ଚାରଣ ସଭା



ବସ୍ତା , ୩/୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ହୀରାପୁର ଗ୍ରାମରେ ସ୍ୱର୍ଗତ ପଦ୍ମାବତୀ ପଣ୍ଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ସ୍ୱର୍ଗତ ପଣ୍ଡା ଜଣେ ଧର୍ମପ୍ରାଣା ତଥା ପରୋପକାରୀ ମହିଳା ଥିଲେ । କୃଷିକୁ ନିଜ ଜୀବନର ପେଶା ଭାବରେ ଗ୍ରହଣ କରିବା ସହ ରୋଗୀ ସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ଏହି ସଭାରେ ମତ ପ୍ରକାଶ ପାଇଥିଲା । ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ମନୋରଞ୍ଜନ ମିଶ୍ର, ସହକାରୀ ପ୍ରଫେସର ଅମୁଲ୍ୟ କୁମାର ଆଚାର୍ଯ୍ୟ, ଡ଼ଃ ଅସୀମ ଅମିତାଭ ପ୍ରଧାନ, ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରା, ଡ଼ା. ଅଜୟ କୃଷ୍ଣ ସାମଲ, ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କାଳୀପଦ ପଣ୍ଡା, ଭଗବାନ ମହାପାତ୍ର, ନିରଞ୍ଜନ ପଣ୍ଡା ଶର୍ମା, ବ୍ରହ୍ମାନନ୍ଦ ପତି, ପ୍ରାଧାପିକା ନୀଳିମା ପାତ୍ର, ଡ଼ଃ ଭାସ୍କର ଚନ୍ଦ୍ର ଜେନା, ବିଜୟ କୁମାର ଆର୍ଯ୍ୟ, ସୁଧାକର ଗିରି, ଭିକାରୀ ଚରଣ ମିସ୍ତ୍ରୀ, ତ୍ରିଲୋଚନ ତ୍ରିପାଠୀ ଓ ପ୍ରାଧାପକ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କର ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅଧାପକ ଗୌରାଙ୍ଗ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ବାସନ୍ତୀ ମିଶ୍ର, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଓ ଶାନ୍ତିଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ଦେବେନ୍ଦ୍ର ପଣ୍ଡା, କମଳ ଲୋଚନ ତ୍ରିପାଠୀ, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅନନ୍ତ କୁମାର ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ନରସିଂହପୁର ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



ବାସୁଦେବପୁର, ୩/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କମଳାକାନ୍ତ ନାୟକ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ନାୟକ, ଶିକ୍ଷାବିତ୍ ଗୟାଧର ମହାପାତ୍ର, ନିତ୍ୟାନନ୍ଦ ବେହେରା, ଶିକ୍ଷକ ହରେକୃଷ୍ଣ ମହାରଣା, କବି ରତ୍ନାକର ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ଜୟରାମ ବେହେରା, ଶିବ ପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉ ପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରବୀନ୍ଦ୍ର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଦୟାନିଧି ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା ଓ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ନୀଳଗିରିଠାରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା



ନୀଳଗିରି , ୩/୨ (ନି.ପ୍ର): ରାଜ୍ୟ ଉଚ୍ଚଶିକ୍ଷା ତଥା ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ସାମୟିକ ନୀଳଗିରି ଗସ୍ତ ଏବଂ ରହଣି ସମୟରେ ନୀଳଗିରିର ବିଭିନ୍ନ ଲୋକପ୍ରତିନିଧି ମାନଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ ମନ୍ତ୍ରୀ ଶ୍ରୀଯୁକ୍ତ ମାରାଣ୍ଡି ମୟୂରଭଞ୍ଜ ଜିଲ୍ଲା ବାରିପଦା ଏବଂ ଉଦଳା ଗସ୍ତ କାର୍ଯ୍ୟକ୍ରମ ସାରି ଫେରିବା ବାଟରେ ନୀଳଗିରି ବ୍ଲକ ଅଧକ୍ଷାଙ୍କ ପ୍ରକୋଷ୍ଠରେ ସାମୟିକ ବିରାମ ନେଇଥିଲେ। ଏହି ଅବସରରେ ବାଲେଶ୍ୱର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମଦନ ମୋହନ ମାଝୀ,ନୀଳଗିରି ବ୍ଲକ୍ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ନେତା ସନ୍ତୋଷ ଖଟୁଆ, ଏନଏସି ଅଧକ୍ଷା ଅମ୍ବିକା ଦାସ, ଉପାଧକ୍ଷ ମହେନ୍ଦ୍ର ବେହେରା, ରବୀନ୍ଦ୍ର ନାୟକ, ଏସସି ସେଲ ଅଧକ୍ଷ ଶରତ ଦାସ ପ୍ରମୁଖ ବହୁ ଲୋକ ପ୍ରତିନିଧି ଏବଂ ବିଜେଡ଼ି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ ମନ୍ତ୍ରୀଙ୍କୁ ଭେଟି ଆଗାମୀ ପଞ୍ଚଲିଙ୍ଗେଶ୍ୱର ମହୋତ୍ସବ ପାଇଁ ଅତିଥି ଭାବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିବା ସୂଚନା ମିଳିଛି।

# ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିରରେ ୫୦୫ ହିତାଧିକାରୀ ଚୟନ

ବେତନଟୀ , ୩/୨ (ନି.ପ୍ର): ବେତନଟୀ ବ୍ଲକ ର ଭିନ୍ନକ୍ଷମ ଚିହ୍ନଟ ଶିବିର ଆଦି ବେତନଟୀ ଏମପିସି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର କୁ ବେତନଟୀ ବିଡ଼ିଓ ନିର୍ଲିପ୍ତା ମହାନ୍ତି, ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା ବେଳେ ବ୍ଲକ ରେ ୨୪ ଟି ପଞ୍ଚାୟତ ରୁ ୮୦୧ ଜଣ ନାମ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ୫୦୫ ହିତାଧିକାରୀ ଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନାରାୟଣ ବେହେରା, ବେତନଟୀ ପଞ୍ଚାୟତ ସମିତି ଅଧକ୍ଷା କୌଶଲ୍ୟା ମାଝୀ, ବ୍ଲକ ଶିକ୍ଷା ଅଧିକାରୀ ବିପ୍ଲବ କର , ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ , ୩୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ , ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ ରୁଦ୍ରନାରାୟଣ ସିଂହ , ନିହାର କେଶରୀ ମହାନ୍ତି , ସଂଗ୍ରମ କେଶରୀ ସାମଲ ଓ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ମାନେ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଲଘୁ ସାଂସ୍କୃତିକ ସମାଗମ ଅନୁଷ୍ଠିତ

ମାଲକାନଗିରି, ୩/୨ (ନି.ପ୍ର): ଆଜି କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ଠାରେ ବିଦ୍ୟାଳୟ ଅଧକ୍ଷ ଡଃ. କୈଳାଶ ମୀନାଙ୍କ ଅଧକ୍ଷତାରେ କ୍ଲଷ୍ଟର ସ୍ତରୀୟ ଲଘୁ ସାଂସ୍କୃତିକ ସମାଗମ ଆୟୋଜିତ ହୋଇଥିଲା। ଏଥିରେ କୋରାପୁଟ କ୍ଲଷ୍ଟର ଅନ୍ତର୍ଗତ ଅବିଭକ୍ତ କୋରାପୁଟ ଜିଲ୍ଲାର ତିନୋଟି କେନ୍ଦ୍ରୀୟ ବିଦ୍ୟାଳୟ ଯଥା କେନ୍ଦ୍ରୀୟ ବିଦ୍ୟାଳୟ ନବରଙ୍ଗପୁରରୁ ୪୨ ଜଣ ଛାତ୍ରଛାତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ ସୁନାବେଡାରୁ ୪୩ ଜଣ ଛାତ୍ରଛାତ୍ରୀ ଏବଂ ଆୟୋଜକ ବିଦ୍ୟାଳୟ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରୁ ୪୪ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଯଥା ଏକକ ଗାୟନ, ଏକକ ନୃତ୍ୟ, ଇଂରାଜୀ କବିତା,ହିନ୍ଦୀ କବିତା, ବାଦ୍ୟଯନ୍ତ୍ର ଦକ୍ଷତା , ଏକକ ଅଭିନୟ, ଗ୍ରାମୀଣ ଖେଳ, ଚିତ୍ରାଙ୍କନ,ସମୂହ ନୃତ୍ୟ, ସମୂହ ଗୀତ ଝୋଟି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ବାଗ୍ମୀତା ପ୍ରତିଯୋଗିତା ଆଦି ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ମା ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଏନ ସି ସି କ୍ୟାଡେଟ ମାନେ ଗାର୍ଡ ଅଫ ଅନର ଦେଇ ଶ୍ରୀ ମାଝୀଙ୍କୁ ମଂଚ ଉପରକୁ ପୋଛୋଟି ନେଇଥିଲେ। ସମ୍ମାନନୀୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡଃ ରଞ୍ଜନ ସ୍ୱାଇଁ ଏବଂ ଅଭିଭାବକ ମାନେ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା ମାଲକାନଗିରି ମହାବିଦ୍ୟାଳୟରୁ ବର୍ଣାଳୀ ଚାନ୍ଦ, ଅଭିମନ୍ୟୁ ଦଳବେହେରା, ତପନ କୁମାର ବେହେରା ଏବଂ ଦିପ୍ତୀରେଖା ମିଶ୍ର, ଏକଲବ୍ୟ ଆବାସିକ ବିଦ୍ୟାଳୟରୁ ବିଭୁତି ପଣ୍ଡା ଏବଂ ମେନକା ସରକାର, ସରକାରୀ ବାଳିକା ବିଦ୍ୟାଳୟରୁ ଶଙ୍କର ଚନ୍ଦ୍ର ମହାପାତ୍ର, ସରକାରୀ ବାଳିକା ବିଦ୍ୟାଳୟରୁ ଜୟଦେବ ପଣ୍ଡା, ସରସ୍ୱତୀ ଶିଶୁ ମନ୍ଦିରରୁ ଜ୍ଞାନଦେବ ସାହୁ, ପଡିଆ ମହାବିଦ୍ୟାଳୟରୁ ଅମୂଲ୍ୟରତ୍ନ, ଆଦର୍ଶ ମହାବିଦ୍ୟାଳୟରୁ ଗୌତମ ସେନ ହାଁସଦା ଏବଂ ଶ୍ରୀମତୀ ଶୁଭସ୍ମିତା ସୁବୁଦ୍ଧି ନିର୍ଣ୍ଣାୟକ ମଣ୍ଡଳୀର ସଦସ୍ୟ ଥିଲେ।

# ନୀଳଗିରି ପଣ୍ଡା ଖାଦାନ ନିକଟରୁ ୫ଫୁଟ ଲମ୍ବର ଅଜଗର ଉଦ୍ଧାର

ନୀଳଗିରି , ୩/୨ (ନି.ପ୍ର): ନୀଳଗିରି ୧୧ନଂ ୱାଡ୍ ନିକଟ ଷ୍ଟେସନ୍ ସାହୀ ପଣ୍ଡାଖାଦାନ ନିକଟରେ ବାସ କରୁଥିବା ସୁବ୍ରତ୍ ପଣ୍ଡାଙ୍କ ଶୋଇବା ଘରୁ ଏକ ୫ ଫୁଟ୍ ଲମ୍ବର ଅଜଗର ସାପ ଦେଖିବାକୁ ମିଳିଥିଲା। ସାପଟି ଶ୍ରୀ ପଣ୍ଡାଙ୍କ ଖଟ ନିକଟ ଥାକ ରେ ମୁଣ୍ଡୁଳା ମାରି ରହିଥିଲା । ଏହା ଦେଖି ପରିବାର ଲୋକେ ସ୍ନେକ ହେଲ୍ପ ଲାଇନ୍ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ। ଖବର ପାଇ ଶ୍ରୀ ରାଉତ ସାପଟିକୁ ସୁରକ୍ଷିତଭାବେ ଉଦ୍ଧାରକରି ନିକଟସ୍ଥ କୁଲଡ଼ିହା ବନ୍ୟପ୍ରାଣୀ ଅଫିସ୍ ରେ ହସ୍ତାନ୍ତର କରିଥିଲେ ।

# ଢିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ବାରିପଦା, ୩/୨ (ନି.ପ୍ର): ସ୍ଥାନୀୟ ୧୧ନମ୍ବର ୱାର୍ଡ ସ୍ଥିତ ଢିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷାଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଉତ୍ସବରେ ନହରପଦା କ୍ଲଷ୍ଟରର ସି.ଆର.ସି.ସି. କନକଲତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ତଥା ଜାତୀୟ ପୁରସ୍କାର ଲାଭ କରିଥିବା ଅବସର ପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଥମିକ ଶିକ୍ଷାହିଁ ମଣିଷ ଜୀବନର ମୂଳଦୁଆ, ପ୍ରାଥମିକ ଶିକ୍ଷା ସୁଦୃଢ ହେଲେ ପିଲା ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀମତୀ ମାଝୀ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଖୋରାକ୍ ଯୋଗାଇଥାଏ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିରୂପମା ବେହେରା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୀନାକୁମାରୀ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପ-ସଭାପତିଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମଂଚାସୀନ ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀମତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀମତୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ

ପୁରୀ , ୩/୨ (ନି.ପ୍ର): ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦେବାଶୀଷ ପଟ୍ଟନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ପୂର୍ବରୁ ମୁଖ୍ୟ ଉନ୍ନୟନ ଅଧିକାରୀ ଥିବା ଜ୍ୟୋତି ଶଙ୍କର ମହାପାତ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପଟ୍ଟନାୟକ ଖଣି ଓ ଭୂବିଜ୍ଞାନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାସନ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ସେହିପରି ଶ୍ରୀ ମହାପାତ୍ରଙ୍କର ଶ୍ରୀମନ୍ଦିର ପ୍ରଶାସନକୁ ବଦଳି ହୋଇଛି।

# ଅଲ୍ ଓଡ଼ିଶା କଳାକାର ଫାଉଣ୍ଡେସନ ଓ ଉଡାଣ ତରଫରୁ ସମ୍ବର୍ଦ୍ଧନା ସଭା



ଲଙ୍ଗଳେଶ୍ୱର , ୩/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡଳୀ ପଞ୍ଚାୟତ ରେ ମହାମାୟା ମାର୍କେଟ ପରିସର ରେ ଗୁରୁବାର ସନ୍ଧ୍ୟା ରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ ପ୍ରମୁଖ ଙ୍କୁ ନିଜର ପାରଦର୍ଶିତା ଅନୁଯାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଳାକାର ଫାଉଣ୍ଡେସନ ର ରାଜ୍ୟ ସଭାପତି ସଦାଶିବ ସେଠି ଙ୍କ ଅଧକ୍ଷତା ରେ ଆୟୋଜିତ ସଭା ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ମୁଖ୍ୟ ବକ୍ତା ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ସାମ୍ବାଦିକା ପ୍ରତିମା ଜେନା, ଉମେଶ ଚନ୍ଦ୍ର ସେନାପତି, ଭଗିରଥ ମଲ୍ଲିକ, ଶିଶିର ଖଣ୍ଡା ପ୍ରମୁଖ ଯୋଗଦେଇ ସମାଜରେ ବିଭିନ୍ନ ହିତସାଧନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ସମ୍ବର୍ଦ୍ଧିତ କରାଯାଇଥିବାରୁ ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଅତିଥି ମାନେ ପ୍ରଶଂସା କରିଥିଲେ।ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ କଲେଜ ଅଧକ୍ଷ ଜଳନ୍ଧର ମଲ୍ଲିକ, ବିଶିଷ୍ଟ ରାଜନେତା ନାରାୟଣ ମହାପାତ୍ର, ବିଶିଷ୍ଟ ପାଲା ଗାୟକ ରାମହରି ଜେନା, ବିଶିଷ୍ଟ ଯାତ୍ରା କଳାକାର ଗଣେଶ ଚନ୍ଦ୍ର ଦାସ, ନାଟ୍ୟକାର କାହ୍ନୁ ଚରଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।ଏହି କାର୍ଯ୍ୟକ୍ରମ କୁ ନାରାୟଣ ମଲ୍ଲିକ ସାନ୍ତନୁ ବେହେରା, କାଶୀନାଥ ସାହୁ ଭୋଳାନାଥ ସାସମଲ, ଅଶୋକ କୁମାର ପଞ୍ଚାଧାୟ ପ୍ରମୁଖ ପରିଚାଳନା କରିଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ୩୭ ତମ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ



ପାରାଦୀପ, ୩/୨ (ନି.ପ୍ର): ଆଜି ଅଫିସର କ୍ଲବ ପରିସରରେ ପୁଷ୍ପ ପ୍ରଦର୍ଶନୀ ପାରାଦୀପ ବନ୍ଦର ଆର ଆଣ୍ଡ ବି ଡିଭିଜନ୍ ପକ୍ଷରୁ ଆୟୋଜନ କରାଯାଇଥିଲା। ୩୭ ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ପିଏଲ ହାରନାଦ ଉଦଘାଟନ କରିଥିଲେ। ଶ୍ରୀ ହାରନାଦ କହିଲେ ଯେ ପୁଷ୍ପ ପ୍ରଦର୍ଶନୀ ମୂଳ ଉଦ୍ଦେଶ୍ୟ ହେଉଛି ପାରାଦୀପ ବନ୍ଦରକୁ ସବୁଜ ଏବଂ ସୁନ୍ଦର ବନ୍ଦର ଭାବରେ ବିକଶିତ କରିବା। ଅଠରବାଙ୍କି ଠାରୁ ଗେଟ୍ ନମ୍ବର ୪ ପର୍ଯ୍ୟନ୍ତ ସୁନ୍ଦର ସୁନ୍ଦର ଗଛ ଲଗାଯାଇ ସୌନ୍ଦରଯ୍ୟ କରଣ କାର୍ଯ୍ୟକ୍ରମ ମାନ କରାଯାଉଛି। ପୋର୍ଟ ଟାଉନସିପ୍ ଏବଂ ଏହାର ଆଖପାଖରେ ସବୁଜତାକୁ ପ୍ରୋତ୍ସାହିତ କରିବା ପାଇଁ ଓଏଫଡ଼ିସି ମାଧ୍ୟମରେ ଗତ ତିନିବର୍ଷ ଧରି କ୍ରମାଗତ ଭାବରେ ପ୍ରତିବର୍ଷ ଏକ ଲକ୍ଷ ଚାରା ରୋପଣ କରାଯାଉଛି ଏବଂ ଆଉ ଦୁଇ ବର୍ଷ ମଧ୍ୟରେ ବନ୍ଦର ସହରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ଏହି କାର୍ଯ୍ୟକ୍ରମ ଅବସରରେ ଡେପୁଟି ଚେୟାରମ୍ୟାନ୍ ଶ୍ରୀ ନୀଳାଭ୍ରା ଦାସଗୁପ୍ତା ଏବଂ ଅନ୍ୟାନ୍ୟ ସିନିୟର ଅଫିସର ମାନେ ମଧ୍ୟ ଉପସ୍ଥିତ ଥିଲେ।ଏଥିରେ ପ୍ରାୟ ୧୩୫ ଜଣ ୪୮ ଟି ବିଭିନ୍ନ ବର୍ଗରେ ଫୁଲ, ପନିପରିବା ଏବଂ ଉଦ୍ଭିଦର ଚମତ୍କାର ସଂଗ୍ରହ ପ୍ରଦର୍ଶନ କରିଥିଲେ। ଏହି ଫୁଲ ଶୋ'ରେ ଅଗଣିତ ରଙ୍ଗ ଏବଂ ଫୁଲର ସୁଗନ୍ଧ ଆକର୍ଷଣୀୟ ଥିଲା। ସନ୍ଧ୍ୟାରେ ଅଫିସର୍ସ କ୍ଲବ ଠାରେ ଆୟୋଜିତ ଏକ ଜ୍ୟୋତିର୍ମୟ କାର୍ଯ୍ୟକ୍ରମରେ ଅଧକ୍ଷ ଶ୍ରୀ ହାରନାଦ, ଡେପୁଟି ଚେୟାରମ୍ୟାନ୍, ପିପିଏ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।ସୁସଜ୍ଜିତ ବିଭିନ୍ନ ରଙ୍ଗର ସୁନ୍ଦର ଫୁଲ ଓ ଫଳର ସାକ୍ଷୀ ହେବା ପାଇଁ ପାରାଦୀପ ବନ୍ଦର ଟାଉନସିପ୍ ର ଅନ୍ତେବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ବିଶିଷ୍ଟ ଶିକ୍ଷାବିତ୍ ଭଗବାନ ଚନ୍ଦ୍ର ପାଢୀଙ୍କ ପରଲୋକ

ଭଦ୍ରକ , ୩/୨ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବେତଡ଼ା ଅଞ୍ଚଳସ୍ଥ ମଖଲପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଭଗବାନ ଚନ୍ଦ୍ର ପାଢ଼ୀ ୯୨ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ସହଧର୍ମିଣୀ ଇନ୍ଦ୍ରମଣି ପାଢୀ ଜୀବିତ ଅଛନ୍ତି । ଶ୍ରୀ ପାଢୀଙ୍କ ଦେହାନ୍ତରେ ମଖଲପୁର ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟ ଖେଳିଯାଇଛି । ସେ ବେତଡ଼ା ମଧ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠ କରିବା ଏବଂ ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ସେ ଜଣେ କଳାର ପୂଜାରୀ ଥିଲେ । ୧୯୫୫ ମସିହାରେ ସେ ବେତଡ଼ା ଠାରେ ଏକ କଳାପରିଷଦ ଗଠନ କରି ନାଟକରେ ଅଭିନୟ କରି ଉପାର୍ଜିତ ଅର୍ଥ ମାଧ୍ୟମରେ ବେତଡ଼ାର ମଧ ଇଂରାଜୀ ବିଦ୍ୟାଳୟ ପାଇଁ ଖର୍ଚ୍ଚ କରି ସମସ୍ତ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସେ ସମୟରେ ବେତଡ଼ା ଅଞ୍ଚଳରେ ଶିକ୍ଷାର ବିଶେଷ ପ୍ରଗତି ହୋଇନଥିଲା । ସେଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ସ୍କୁଲର ନାମ ପଞ୍ଚାୟତ ହାଇସ୍କୁଲ ବେତଡ଼ା । ତାଙ୍କ ଜୀବଦ୍ଦଶାରେ ଅନେକ ଗରିବ ପିଲାମାନଙ୍କୁ ପାଠ ପଢ଼ାଇବାରେ ସହାୟତା ପ୍ରଦାନ କରିଥିଲେ । ସେ ଜଣେ ଏକାଧାରରେ କଳାକାର, ଶିକ୍ଷାବିତ୍, ଛାତ୍ରବତ୍ସଳ, ସମାଜସେବୀ, ତଥା ପରୋପକାରୀ ଭଲ ମଣିଷ ଥିଲେ । । ତାଙ୍କୁ ପୁତ୍ର କ୍ଷେତ୍ରବାସୀ ମୁଖାଗ୍ନି ପ୍ରଦାନ କରିଥିଲେ । ତାଙ୍କ ମରଶରୀର ନିକଟରେ ଭାଇ ଅଭିରାମ, ବଡ଼ ଭାଉଜ ଗଭାମଣି, ପୁତ୍ର ଓ ପୁତୁରା ଶୈଳେନ୍ଦ୍ର ଓ ଜ୍ଞାନେନ୍ଦ୍ର, ଅମର, କୁମର, ଜ୍ୱାଇ ମହେଶ୍ୱର, ରମାକାନ୍ତ, ଚିତ୍ତରଂଜନ, ଯଶୋବନ୍ତ, ସୁଶାନ୍ତ, ଶିବନାରାୟଣ, ଝିଅ ବିଜୁ, ଛବି, ସ୍ୱର୍ଣ୍ଣ, ମଞ୍ଜୁ, ଝିନ୍ନା, କୁଞ୍ଜ, ପୁତୁରା ଦାମୋଦର, ମନୋରଞ୍ଜନ, ଧନେଶ୍ୱର, ନାତି କୌସ୍ତୁବ, ସାଇ,ସାନୁ, କାହ୍ନୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି ତାଙ୍କ ଠାରୁ ଶିକ୍ଷାଗ୍ରହଣ କରିଥିବା ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ଶିକ୍ଷକଭାଇମାନେ ଉପସ୍ଥିତ ରହି ମର ଶରୀରରେ ପୁଷ୍ପ ଅର୍ପଣ କରିଥିଲେ । ଆସନ୍ତା ଫେବୃୟାରୀ ୮ ତାରିଖ ଏକାଦଶାହ କ୍ରୀୟା ଅନୁଷ୍ଠିତ ହେବ ।

# ରାଜୀବ ଲୋଚନ ବେହେରା ଭୁବନ ଏନ୍‌ଏସିର ନୂତନ ନିର୍ବାହୀ ଅଧିକାରୀ

ଭୁବନ, ୩/୨ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ରେ ନୂତନ ନିର୍ବାହୀ ଅଧିକାରୀ ଭାବେ ରାଜୀବ ଲୋଚନ ବେହେରା ଆଜି ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ବେହେରା ପୂର୍ବରୁ ଭୁବନ ତହସିଲ କାର୍ଯ୍ୟାଳୟରେ ଗତ ଫେବୃଆରୀ ୨୩ ତାରିଖ ୨୦୨୨ ମସିହାରୁ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଜଣେ ଦକ୍ଷ, କର୍ତବ୍ୟ ନିଷ୍ଠ ଅଫିସର ଭାବେ ତାଙ୍କର ସୁନାମ ରହିଛି । ବିଦାୟୀ ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ଖୋର୍ଦ୍ଧା ସବ ରେଜିଷ୍ଟ୍ରାର ଭାବେ ବଦଳି ହୋଇ ଯାଇଥିବା ଜଣା ପଡ଼ିଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଫେବୃଆରୀ ୨୦୨୪
email :
rabibarachayan2015@gmail.com



# ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୩୭
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନାଁ ବାପା ଆପଣ ସେମିତି କୁହନ୍ତୁ ନାହିଁ ।

ମୋ କଥା ଶୁଣି ଓଠରେ ଶୁଖିଲା ହସର ରେଖାଟିଏ ଟାଣି ସେ କହିଥିଲେ, ମା' ସୀତେ ! ମୋ କପାଳର ଅଦୃଷ୍ଟ ଲେଖା ମୋତେ ଭୋଗିବାପାଇଁ ପଡ଼ିବ । ଏହା ତ ନିୟତିର ବିଧାନ । ହେଲେ ମା' ମୁଁ ମଧ ନିୟତିକୁ ଟପିଯିବି । ତା' ଦଣ୍ଡ ମୁଁ ଭୋଗିବି ନାହିଁ । ବିନା ରାମରେ ଏ ଦଶରଥ ଦଶ ମୁହୂର୍ତ୍ତ ତିଷ୍ଠି ରହିପାରିବ ନାହିଁ । ରାମ ମୋର ପିଣ୍ଡର ପ୍ରାଣ ।

ରାମ ବନକୁ ଯିବ । ମୁଁ ସ୍ୱର୍ଗକୁ ଯିବି । ଏହା ରାଜା ଦଶରଥର ପ୍ରତିଜ୍ଞା ମା' । ତୁ ଯା, ମନ ଦୁଃଖ କରନା । ସ୍ୱାମୀର ହାତଧରି ଅରଣ୍ୟବାସର ଦୁଃଖକୁ ଭୁଲିଯିବୁ । ମୋର ଗୋଟାଏ ଅନୁରୋଧ ରଖିବୁ ମାଆ ତୋ ହାତରୁ ସିନା ସେବାଧର୍ମ ମୁଁ ପାଇପାରିଲି ନାହିଁ, ହେଲେ ତୋ ହସ୍ତର ପିଣ୍ଡ ମୁଠାଏରୁ ମୋତେ ବଞ୍ଚିତ କରିବୁ ନାହିଁରେ ମା' । ସେହି ମୁଠାଏ ପିଣ୍ଡ ତୋ ହାତରୁ ନେବାପାଇଁ ମୁଁ ପ୍ରେତ ପୁରୀରୁ ଧାଇଁ ଆସିବି ।

ମୋ ଶଶୁରଙ୍କ କଥା ଶୁଣି ମୁଁ ଧୈର୍ଯ୍ୟ ଧରିପାରି ନଥିଲି । ଭୋ ଭୋ ହୋଇ କାନ୍ଦିଉଠନ୍ତେ, ସେ ମୋ ଚକ୍ଷୁରୁ ଅଶ୍ରୁ ପୋଚି ଦେଇ କହିଥିଲେ କାନ୍ଦନା ମା' । ଯା ତୋ ଶାଶୁମାନଙ୍କୁ ଦେଖାକରି ତାଙ୍କଠାରୁ ଆଦେଶ ନେଇ ସ୍ୱାମୀ ସହ ବନଯାତ୍ରା କର ।

କଣ କହି ମୋ ଶଶୁରଙ୍କୁ ମୁଁ ପ୍ରବୋଧନା ଦେଇଥା'ନ୍ତି । ମୋ ଚକ୍ଷୁର ଅଶ୍ରୁରେ ତାଙ୍କ ପାଦ ଧୋଇଦେଇ ତାଙ୍କ ଠାରୁ ମୁଁ ବିଦାୟ ନେଇ ଆସି ମାତା କୌଶଲ୍ୟା ଓ ସୁମିତ୍ରାଙ୍କ ଠାରେ ପହଞ୍ଚନ୍ତେ, କାନ୍ଦିକାନ୍ଦି ମୋତେ କୋଳେଇ ନେଇ ସେ ଦୁହେଁ କହିଥିଲେ, 'ପୁଅ ଆମର ଆମକୁ ଛାଡ଼ି ବଣକୁ ଯାଉଛି ଲୋ ମାଆ ତୁ କ'ଣ ଆମକୁ ଛାଡ଼ି ଚାଲିଯିବୁ ।' ତାଙ୍କୁ ଶୁଣାଇ ମୁଁ କହିଥିଲି, ତାଙ୍କୁ ଛାଡ଼ି ମୁଁ କ'ଣ ରହିପାରିବି ମାଆ । ପ୍ରାଣକୁ ଛାଡ଼ି ପିଣ୍ଡ କ'ଣ ରହିପାରେ ?

ସୀତା ! ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଅନାଇ ରହିଥିଲେ ମୋ ଶାଶୁ କୌଶଲ୍ୟା । ତୁ କ'ଣ ସତରେ ମୋ ରାମ ସହିତ ବଣକୁ ଯିବୁ ?

ହଁ ମାଆ ତାଙ୍କୁ ଏକାକୀ ବଣକୁ ପଠାଇଦେଇ ମୁଁ କ'ଣ ଶାନ୍ତିରେ ଅଯୋଧ୍ୟାରେ ରହିପାରିବି ।

ସୀତା ! ତୁ କ'ଣ ସତରେ ଏତେ ସ୍ୱାର୍ଥପର ହୋଇଯିବୁ । ପୁଅ ଗଲାପରେ ତୋ ମୁହଁକୁ ଅନାଇ ଆମେ ଚଉଦବର୍ଷର ଦିନ ଗଣିଥାନ୍ତୁ । ଶେଷରେ ତୁ ବି ଆମକୁ ନିରାଶ କରିବୁ ? ମୋ ଜ୍ୟେଷ୍ଠା ଶାଶୁଙ୍କ ମୁଖରୁ କଥା ନେଇ ଶାଶୁମା ସୁମିତ୍ରା ଦେବୀ କହିଥିଲେ, ବଡ଼ଅପା ! ସୀତା ଯାହା କହୁଛି ଠିକ୍ କହୁଛି । ରାମକୁ ଛାଡ଼ି ସୀତା ରହିବ କିପରି ? ସ୍ୱାମୀ ବିନା ସ୍ତ୍ରୀ, ସ୍ତ୍ରୀ ବିନା ସ୍ୱାମୀର କିଛି ମୂଲ୍ୟ ନଥାଏ । ଏକଥା କ'ଣ ତୁମେ ଜାଣିନ ଅପା । ଚଉଦବର୍ଷର ବନଯାତ୍ରା । ରାମକୁ ଯଦି ମୋର ଅରଣ୍ୟରେ ଜ୍ୱର ହୁଏ କିମ୍ୱା ତା ଶରୀର ଅସୁସ୍ଥ ହୁଏ, କିଏ ତା ସେବା କରିବ ଅପା ? କିଏ ତା ମୁହଁରେ ଫଳମୂଳ ଦେବ ? ଝରଣାରୁ ପାଣିଆଣି ଦେବ ? କିଏ ପାଖରେ ବସି ସେବା କରିବ ? ସୀତା ମୋର ରାମ ସହିତ ଯାଉ ଅପା ! ତୁମେ ମନାକର ନାହିଁ ।

ଦୀର୍ଘଶ୍ୱାସଟିଏ ଛାଡ଼ି ମୋ ଶାଶୁ କହିଥିଲେ, ସୁମିତ୍ରା ଶେଷରେ ତୁ ବି କହିଲୁ ରାମ ସହିତ ସୀତା ବଣକୁ ଯାଉ । ପୁଅବୋହୂ ଦୁହିଁଙ୍କୁ ହରାଇ ଆମେ ବଞ୍ଚିବୁ କେମିତି ? କଥା କହୁକହୁ ମୋ ଶାଶୁମା ଏମିତି କାନ୍ଦିଥିଲେ ଯେ, ଦାସୀ ପରିଚାରୀମାନେ ଧାଇଁ ଆସିଥିଲେ । ତାଙ୍କ ପାଖରେ ବସି, ତାଙ୍କ ପାଦତଳେ ମଥାରଖି ମୁଁ କହିଥିଲି, ଆପଣ ମୋତେ ବନକୁ ଯିବାକୁ ଆଦେଶ ନଦେଲେ ମୁଁ ଯିବି ନାହିଁ ମାଆ । ସ୍ୱାମୀଙ୍କ ବନଯାତ୍ରାର ଦୁଃଖକୁ ସାମାନ୍ୟ ଲାଘବ କରିବା ପାଇଁ...

ମୋତେ କଥା ସମାପ୍ତ କରିବାକୁ ନଦେଇ ସେ କହିଥିଲେ, ମୁଁ ଜାଣେ ସୀତା ତୁ କ'ଣ ପାଇଁ ବଣକୁ ଯିବାକୁ ଚାହୁଁଛୁ ମୁଁ ଜାଣେ । ଏ ଦୁନିଆରେ ଯେତେ ସମ୍ପର୍କ ଅଛି ମାଆ ସବୁ ସମ୍ପର୍କର ଊର୍ଦ୍ଧ୍ୱରେ ସ୍ୱାମୀ ସ୍ତ୍ରୀର ସମ୍ପର୍କ ।

ପିତା, ମାତା, ପୁତ୍ର, କନ୍ୟା, ଜ୍ଞାତି, ବନ୍ଧୁବାନ୍ଧବ ସବୁ ସମ୍ପର୍କ ସେ ସମ୍ପର୍କର ତଳେ । ସ୍ୱାମୀ ସ୍ତ୍ରୀ କେବଳ ସୁଖ ଦୁଃଖର ସାଥୀ ନୁହଁନ୍ତିଲୋ ମା' ସେମାନଙ୍କର ସମ୍ପର୍କ ଜନ୍ମମୃତ୍ୟୁ ସହିତ ମଧ ଜଡ଼ିତ । ସ୍ୱାମୀ କେବଳ ସ୍ତ୍ରୀ ମୁଣ୍ଡର ସିନ୍ଦୂର, ହସ୍ତର ଶଂଖା ନୁହେଁଲୋ ମାଆ ସେ ସ୍ତ୍ରୀ ମୁଖର ହସର ଧାରା, ହୃଦୟର ଜ୍ୟୋତି, ଅନ୍ତର ମନ୍ଦିରର ଦେବତା । ସ୍ତ୍ରୀ ମଧ ସ୍ୱାମୀର ନୟନର ଜ୍ୟୋତି, ହୃଦୟର ହାର, ମୁଖର ବଚନ । ଉଭୟଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେମ, ଭାବ, ଭକ୍ତିରୁ ଝରେ ଅମୃତ । ଜଣକ ବିହୁନେ ଅନ୍ୟ ଜଣେ ବଞ୍ଚି ମଧ ମୃତ । ମୁଁ ତୋତେ ଅଧିକ କ'ଣ ବୁଝାଇବି ମାଆ । ଆମକୁ ଯେତେ କଷ୍ଟ ହେଲେଲ ବି ମୁଁ କେବେ ତୋତେ ଅଯୋଧ୍ୟାରେ ଅଟକାଇ ରଖିବି ନାହିଁ । ଯା, ମାଆ ମୋ ରାମ ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହୋଇ ତୁ ଅରଣ୍ୟ ବାସର ଦୁଃଖକୁ ସୁଖ ମଣି ରହିବୁ । ଅରଣ୍ୟରେ କୌଣସି ଅପୂର୍ବ ଦ୍ରବ୍ୟ ପାଇଁ ପୁଅ ନିକଟରେ ଅଳି କରିବୁ ନାହିଁ । ତା' ମନ ନେଇ ସଦା ଚଳିବୁ ।

ମୋ ଶାଶୁମା'ଙ୍କ କଥା ଶୁଣି ମୁଁ କହିଥିଲି, ଆପଣଙ୍କର ଏ ବଚନ ମୋ ହୃଦୟରେ ଗାର ହୋଇ ରହିବ ମା' ।

ଶାଶୁମା'ଙ୍କ ପାଖରୁ ଅନୁମତି ପାଇଁ ତାଙ୍କୁ ପ୍ରଣାମ କରନ୍ତେ ସେ କହିଥିଲେ ତୋ ଶଶୁରଙ୍କ ଠାରୁ ଆଦେଶ ନେଇଛୁ ମା' ।

ଏକଥା ଶୁଣି ମୋ ସାନଶାଶୁମା' କହିଥିଲେ ସୀତା ଆମର ବିଦୁଷୀ ଅପା । ସେ ସଂସ୍କାର ମିଥିଳାରୁ ସେ ଶିଖି କରି ଆସିଛି । ପ୍ରଥମେ ସ୍ୱାମୀ, ତାପରେ ଶଶୁର ଶାଶୁ । ରାମ ଠାରୁ ପ୍ରଥମେ ଆଦେଶ ନେଇଥିବ । ତାପରେ ଶଶୁର, ଶେଷକୁ ଆମେ । ଯାଆ ମାଆ ସୀତା, ଅରଣ୍ୟବାସକୁ ସୁଖ ମଣି ସ୍ୱାମୀ ସହ ହସଖୁସିରେ ଚଉଦବର୍ଷ ବିତାଇ ଦେଇ ଅଯୋଧ୍ୟା ଫେରିଆସିବୁ । ତୁମେ ଗଲାପରେ ଅଯୋଧ୍ୟାରେ ବିରାଜିବ କାଳବୈଶାଖୀ । ତୁମେ ଫେରିଲେ ଅଯୋଧ୍ୟାରେ ବସନ୍ତ ଉଇଁବ । ଯା ମାଆ ସ୍ୱାମୀର ହାତ ଧରି ସନ୍ନ୍ୟାସିନୀର ବେଶଧାରଣ କରି ଅଯୋଧ୍ୟା ରାଜଦାଣ୍ଡକୁ ବାହାରିପଡ଼ ।

ଶଶୁର, ଶାଶୁଙ୍କ ଠାରୁ ଆଦେଶ ନେଇ, ସ୍ୱାମୀଙ୍କ ପାଖକୁ ଫେରିଆସି ଦେଖେ ତ ସ୍ୱାମୀ ମୋର ରାଜ ପୋଷାକ ପରିତ୍ୟାଗ କରି ସାଧାରଣ ବସ୍ତ୍ରଟିଏ ପିନ୍ଧି ଉଭା ହୋଇଛନ୍ତି । ତାଙ୍କ ପାଖରେ ସେମିତି ବେଶ ପୋଷାକରେ ଛିଡ଼ା ହୋଇଛନ୍ତି ଅନୁଜ ଲକ୍ଷ୍ମଣ । ତାଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତେ, ହସିହସି ସେ କହିଥିଲେ ଭାଉଜ ମୋତେ ଦେଖି ଆପଣ ଚମକି ପଡୁଛନ୍ତି କି ? ଆପଣ କ'ଣ ଜାଣନ୍ତି ନାହିଁ ବିନା ରାମରେ ଲକ୍ଷ୍ମଣର ଗତି ନାହିଁ । ଭାଇଙ୍କୁ ଛାଡ଼ି ମୁଁ ଦଣ୍ଡେ ଅଯୋଧ୍ୟାରେ ରହିପାରିବି ନାହିଁ । ସେଥିପାଇଁ ଭାଇ ଯେତେ ମନାକଲେ ବି ମୁଁ ତାଙ୍କ କଥା ନମାନି ତାଙ୍କ ସହିତ ବନଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି ।

ଲକ୍ଷ୍ମଣ ଆଶ୍ଚର୍ଯ୍ୟ ହୋଇଯାଇଥିଲି ମୁଁ । ତୁମେ ଆମ ସହିତ ବଣକୁ ଯିବ, ଉର୍ମିଳା ।

ଉର୍ମିଳାକୁ ଆମ ସହିତ ଯିବାପାଇଁ ମୁଁ ଆମନ୍ତ୍ରଣ କରିନାହିଁ ଭାଉଜ । ସେ ମୋ ସହିତ ବଣକୁ ଯିବ ନାହିଁ ବୋଲି ମନା କରୁଛି । ଆମେ ସମସ୍ତେ ଗଲେ ଆମ ପିତାମାତାଙ୍କ ସେବା ଶୁଶ୍ରୁଷା କରିବ କିଏ ?

ପାଟିକରି ଉଠିଥିଲି ମୁଁ । ଲକ୍ଷ୍ମଣ ତୁମେ ଏତେ ସ୍ୱାର୍ଥପର ହେଲ କେମିତି ?

ସ୍ୱାର୍ଥପର ନୁହେଁ ଭାଉଜ ବରଂ କୁହନ୍ତୁ ଏହା ଉର୍ମିଳାର ତ୍ୟାଗ । ଉର୍ମିଳା ଶାଶୁ ଶଶୁରଙ୍କୁ ଛାଡ଼ି ମୋ ସହିତ ବନଯାତ୍ରିଣୀ ହେବନାହିଁ । ତା' ତ୍ୟାଗ ନିକଟରେ ମୋ ମଥା ନଇଁ ଯାଉଛି ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଓଡ଼ିଆ ଭାଷା ଆନ୍ଦୋଳନର ଆଦ୍ୟ ଓଁକାର

## ଡକ୍ଟର ଲକ୍ଷ୍ମଣ ସାହୁ

ଉନବିଂଶ ଶତାବ୍ଦୀର ଆରମ୍ଭ କାଳରେ ଇଂରେଜମାନଙ୍କ ଓଡ଼ିଶା ଭୂଖଣ୍ଡକୁ ଅକ୍ତିଆର କରିବା ସହିତ ଶାସନାଧୀନ କରିବାରେ ସଫଳ ହୋଇଥିଲେ । ସେହି ସମୟରେ ଏକ ସ୍ୱତନ୍ତ୍ର ଅଞ୍ଚଳ ରୂପେ ଓଡ଼ିଶାର ସ୍ଥିତି ସେଭଳି କିଛି ନଥିଲା । ବିଶେଷ କରି ଗଞ୍ଜାମ, କୋରାପୁଟ ଓ ମାଳ ଅଞ୍ଚଳକୁ ମାନ୍ଦ୍ରାଜ ପ୍ରଦେଶ ଅଧିନରେ ରଖି ଇଂରେଜ ସରକାର ତାଙ୍କର ଶାସନ କାର୍ଯ୍ୟ ତୁଳାଇଥିଲେ । ସେତେବେଳେ ଏସବୁ ଅଞ୍ଚଳରେ ତେଲୁଗୁ ଓ ତାମିଲ ଭାଷୀ ଅଫିସର, ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କର ଆଧିପତ୍ୟ ଯଥେଷ୍ଟ ରହିଥିଲା । ଅପରପଟ ବଙ୍ଗ ପ୍ରଦେଶ ସହିତ ବାଲେଶ୍ୱର, କଟକ, ପୁରୀ ଜିଲ୍ଲା ଓ ଗଡ଼ଜାତ ରାଜ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଶାସନ ଚଳାଇଥିଲେ । ବଙ୍ଗଭାଷି ସରକାରୀ କର୍ମଚାରୀଙ୍କ ଦ୍ୱାରା ଇଂରେଜମାନେ ଉପକୂଳ ଅଞ୍ଚଳର ଶାସନ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିଲେ । ସେଭଳି ପଶ୍ଚିମ ଓଡିଶାର ସମ୍ବଲପୁର ସହିତ ସଂଲଗ୍ନ ଗଡ଼ଜାତ ରାଜ୍ୟ ଯଥା ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ଆଦି ମଧ୍ୟପ୍ରଦେଶର କମିଶନର ଅଧିନକୁ ନିଆଯାଇଥିଲା । ପୂର୍ବରୁ ଏସବୁ ମରହଟ୍ଟା ମାନଙ୍କ ଦ୍ୱାରା ଶାସିତ ହେଉଥିଲା । କହିବାକୁ ଗଲେ ରାଜନୈତିକ କ୍ଷେତ୍ରରେ ଓଡିଶାର କୌଣସି ସ୍ୱତନ୍ତ୍ର ପରିଚୟ ସେତେବେଳେ ନଥିଲା । ତିନୋଟି ପ୍ରଦେଶର ଅଧିନରେ ଥିବା ଓଡ଼ିଆ ମାନେ ସବୁ ଦିଗରୁ ଅବହେଳିତ ଥିବା ମନେହୁଏ । ଏପରିକି ସେମାନଙ୍କ ମନରେ ଏକତ୍ରୀକରଣ, ଜାତୀୟତା ପ୍ରୀତି ଜାଗରିତ ହେବା ଅସମ୍ଭବ ହୋଇ ପଡିଥିଲା । କୁହାଯାଇପାରେ ଯେ ପ୍ରଥମ କରି ୧୮୯୬ରେ ଗ୍ରିୟରସନ୍ ଙ୍କ ଦ୍ୱାରା ଭାଷା ସର୍ବେକ୍ଷଣ କରାଯାଇ ସେଥିରେ ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଓଡ଼ିଆ ରାଜ୍ୟ ଭାବେ ମାନଚିତ୍ରରେ ଚିହ୍ନଟ କରାଗଲା । ଯାହା ଓଡ଼ିଆ ମାନଙ୍କ ପାଇଁ ଏକ ମାନଚିତ୍ର ଚିହ୍ନଟ ଅଞ୍ଚଳ ଭାବେ ଦର୍ଶାଯାଇ ଜାତୀୟ ମନୋଭାବ ସୃଷ୍ଟି କରିବାରେ ସହାୟକ ସାଜିଥିଲା ।

ଓଡ଼ିଶା ଡିଭିଜନ ଭାବରେ ତିନୋଟି ଜିଲ୍ଲାର ଯଥା ବାଲେଶ୍ୱର, କଟକ ଓ ପୁରୀର କଥିତ ଓଡ଼ିଆ ଭାଷାକୁ ନେଇ ଗଠିତ ହୋଇଥିଲା । ସେତେବେଳେ ଇଉରୋପୀୟ ପଣ୍ଡିତ ଏଚ୍.ଟି କୋଲୋବୃକ୍ ସହିତ ୱାଲଟର ହାମିଲ୍ଟନ୍ ପ୍ରମୁଖ ଦ୍ୱୟ ବିଦ୍ୟାନ୍ ଓଡ଼ିଆ ଭାଷାକୁ ଏକ ସମୃଦ୍ଧଶୀଳ ଭାଷା ଭାବରେ ସ୍ୱୀକାର କରିଥିଲେ । ୧୮୦୫ରେ ଇଂରେଜ ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ । ବିଶେଷକରି ସ୍ଥାନୀୟ ଲୋକମାନଙ୍କ ସବୁପ୍ରକାର ଅଭାବ ଅସୁବିଧା ସହଜରେ ବୁଝି ହେବ ବୋଲି ସ୍ଥାନୀୟ ଭାଷା ପ୍ରତି ଗୁରୁତ୍ୱ ଦେଇ ଇଂରେଜ ସରକାର ଏହାକୁ ସରକାରୀ ମାନ୍ୟତା ପ୍ରଦାନ କରିଥିଲେ । ସେହି ସମୟର କମିଶନର ହେନେରୀ ରିକେଟସ୍ ନିଜର ଅଧସ୍ତନ କର୍ମଚାରୀଙ୍କୁ ଓଡ଼ିଆ ଭାଷା ଶିକ୍ଷାକରିବା ସହ ଓଡ଼ିଆ ଭାଷାରେ ପରୀକ୍ଷାରେ ଦେଇ କୃତକାର୍ଯ୍ୟ ହେବାକୁ ବିଜ୍ଞପ୍ତି ଦେଇଥିଲେ । ପରେପରେ ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାରେ ଶିକ୍ଷା ଦାନ କରାଯାଉଥିଲେ ମଧ ପାଠ୍ୟପୁସ୍ତକ ମିଳିବା କଷ୍ଟକର ହୋଇପଡୁଥିଲା । ବଙ୍ଗଳା ପାଠ୍ୟ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇ ଶିକ୍ଷା ଦିଆଯାଉଥିଲା । କିନ୍ତୁ ୧୮୬୪-୬୫ ବେଳକୁ ଓଡ଼ିଆ ବଦଳରେ ବଙ୍ଗଳା ଭାଷାରେ ଶିକ୍ଷା ଦାନ କରିବାକୁ ପରିଦର୍ଶକ ରର୍ବଟ ପେରୀ ନିର୍ଦ୍ଦେଶନା ଜାରି କରିଥିଲେ । ଏହି ପରିପ୍ରେକ୍ଷୀରେ ୧୮୬୮ରେ ପ୍ରଥମେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କୋର୍ଟରୁ ଓଡ଼ିଆ ଭାଷା ହଟାଇବା ପାଇଁ ଆୟୋଜିତ କଟକ' ଡିବେଟିଂ କ୍ଲବ୍'ରେ ରାଜେନ୍ଦ୍ର ଲାଲ ମିତ୍ର ଭାଷଣରେ ଘୋଷଣା କରିଥିଲେ 'ଓଡିଆ ଏକ ଭାଷା ନୁହେଁ' । ଏପରିକି ୧୮୬୯ରେ ବଙ୍ଗଳା ଉପ-ପରିଦର୍ଶକ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବା ପାଇଁ 'କଟକ ଷ୍ଟାର' ନାମକ ସଂବାଦ ପତ୍ରରେ ପ୍ରକାଶ କରିଥିଲେ । ତା' ସତ୍ତ୍ୱେ ଓଡ଼ିଆମାନଙ୍କର ଇଂରାଜୀ ବିଦ୍ୟାଳୟରେ ପଢ଼ିବାକୁ ଅନାଗ୍ରହ ଥିଲେ । ଓଡ଼ିଆମାନଙ୍କ ଅନ୍ଧ-ବିଶ୍ୱାସ , କୁସଂସ୍କାର ଭାବ ଦେଖି ସେ ସମୟର ଇଂରେଜ ହଣ୍ଟର ସାହେବ ବିରକ୍ତି ପ୍ରକାଶ କରିଥିଲେ । ୧୮୭୦ରେ କାନ୍ତିଲାଭ ଭଟ୍ଟାଚାର୍ଯ୍ୟ ନାମକ ବଙ୍ଗଳୀ ଶିକ୍ଷକ ' ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବହୁବିଧ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ରାଜେନ୍ଦ୍ର ଲାଲ ମିତ୍ର ଏହାକୁ ସମର୍ଥନ କରୁଥିବା ଦୁର୍ଭାଗ୍ୟ ଥିଲା । ଜଣେ ପ୍ରତିଷ୍ଠିତ ଐତିହାସିକ ଭାବେ ଜଣାଶୁଣା ଥିବା ଶ୍ରୀଯୁକ୍ତ ମିତ୍ର ଅଧିକ ପାଦେ ଆଗକୁ ଯାଇ ଘୋଷଣା କରିଥିଲେ ଯେ ଓଡ଼ିଆ ମାନଙ୍କର ସେଭଳି କୌଣସି ସ୍ୱତନ୍ତ୍ର ଭାଷା ନାହିଁ । ଫଳତଃ ଓଡ଼ିଆମାନଙ୍କ ସହ ସେମାନଙ୍କ ବିରୋଧ ଭାବ ସୃଷ୍ଟି ହୋଇଥିଲା ।

ପ୍ରଥମ କରି ଭାଷା ଆନ୍ଦୋଳନ ଓଡ଼ିଆ ଭାଷୀ ଜନସାଧାରଣଙ୍କ ମନରେ ନିଜ ମାତୃଭାଷା ପ୍ରତି ସମ୍ମାନ ଓ ସୁରକ୍ଷା ଦେବାର ଆବଶ୍ୟକତା ଅନୁଭବ ହେଲା । ରାଜେନ୍ଦ୍ର ଲାଲ ଓ କାନ୍ତି ଲାଲଙ୍କ ଅଭିମତ ଉପରେ ଓଡ଼ିଶା ଡିଭିଜନରେ ମତ ମତାନ୍ତର ଘଟି ତାହା ଏକ ଜଟିଳ ବାତାବରଣ ସୃଷ୍ଟି କରିବା ଫଳରେ ଓଡ଼ିଆମାନେ ନିଜ ଭାଷା ପ୍ରତି ସଚେତନ ହେଲେ । ସେମାନଙ୍କ ମନରେ ଧାରଣା ସୃଷ୍ଟି ହେଲା ନିଜ ମାତୃଭାଷାକୁ ଅବହେଳା କଲେ ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ସଂପୂର୍ଣ୍ଣ ବିଲୀନ ହୋଇଯିବା କିଛି ଅସମ୍ଭବ ନୁହେଁ । ଫଳତଃ ଭାଷା ଆନ୍ଦୋଳନରୁ ଜାତୀୟତା ଆନ୍ଦୋଳନ ସୃଷ୍ଟି ଘଟି ଓଡ଼ିଆ ମାନଙ୍କୁ ସଂଘବଦ୍ଧ କଲା । ପ୍ରସାଶନିକ ସ୍ତରରେ ଥିବା ବଙ୍ଗାଳୀ ମାନଙ୍କ ପ୍ରାଧାନ୍ୟ, ଦ୍ୱୈରାତ୍ମ ଓଡ଼ିଆ ମାନଙ୍କୁ ଅସହ୍ୟ କରିଦେଇଥିଲା । ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଆବେଦନ ଆଧାରରେ ବିଦ୍ୟାଳୟରୁ ଓଡ଼ିଆ ଭାଷାର ପ୍ରତ୍ୟାହାର ନିର୍ଦ୍ଦେଶ ଓ ଆଇନତଃ ଶିକ୍ଷା କ୍ଷେତ୍ରରେ ଓଡିଆ ଭାଷାରେ ଶିକ୍ଷା ଦାନ ନିଷିଦ୍ଧ ହେବା ଜାତିପ୍ରାଣ ଓଡ଼ିଆଙ୍କ ଚକ୍ଷୁରୁ ନିଦ ହଜାଇ ଦେଇଥିଲା । କାଳକାଳ ଧରି ବିଭିନ୍ନ ବିପର୍ଯ୍ୟୟକୁ ସାମ୍ନା କରି ଆସୁଥିବା ଓଡ଼ିଆ ଜାତିର ମୁଣ୍ଡ ଉପରେ ବିନା ମେଘେ ବ୍ରଜପାତ ସଦୃଶ ଏଭଳି ନିର୍ଦ୍ଦେଶନା ଥିଲା । ଓଡ଼ିଆ ଭାଷା ପାଲଟି ଯାଇଥିଲା ଜାତୀୟବୋଧ ଉଦ୍ରେକ କାରୀ ଭାବପ୍ରବଣର ଏକ ପ୍ରମୁଖ ଆଧାର । ଉଗ୍ର ଓ ଉତ୍କଟ ଭାଷା ପ୍ରେମର ଉନ୍ମାଦନା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ଉଦ୍ବେଳିତ କରିଥିଲା । ଆତ୍ମ ସୁରକ୍ଷାର ପ୍ରଶ୍ନଟି ସବୁରି ହୃଦୟକୁ ମନ୍ଥିତ କରି ଭାଷା ଓ ଜାତି ପ୍ରୀତିର ବୀଜବପନରେ ଅଧିକ କ୍ରିୟାଶୀଳ ହୋଇପାରିଥିଲା । ସେ ସମୟରେ ଥିବା କଟକ ସହରର ଡିବେଟିଙ୍ଗ ସୋସାଇଟି ଓ କାଳିପଦ ବନ୍ଦୋପାଧ୍ୟାୟଙ୍କ ସଂପାଦିତ ଉତ୍କଳ ହିତୈଷିଣୀ ବଙ୍ଗଳା ଭାଷାକୁ ସମର୍ଥନ କରୁଥିବା ବେଳେ ଗୌରୀଶଂକର ରାୟଙ୍କ ସଂପାଦିତ ଉତ୍କଳ ଦୀପିକା ଓ ରାଜା ବୈକୁଣ୍ଠ ନାଥ ଦେଙ୍କ ସମ୍ବାଦ ବାହିକା ଓଡ଼ିଆ ଭାଷା ସମର୍ଥନରେ ଭାଷା ଆନ୍ଦୋଳନକୁ ଅଧିକ ତେଜୀୟାନ କରିଥିଲା । (କ୍ରମଶଃ)

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ) : ୯୦୪୦ ୧୫୧୪ ୭୫

# କବିତା...

## ॥ ରିଷ୍ଟ ଖଣ୍ଡନ ॥

### ରଞ୍ଜନ ବାଇ



ହଁ, ମ
ଆପଣ କୋଉ ନୂଆ କଥା କହିଲେ,
ମହାଜନେ
ସେଇ ଚିରାଚରିତ
ଲୋଭ
ମୋହ
କାମ
ଅର୍ଥ
ଅଛି, ଥିବ, ରହିବ
ମଣିଷ ଜନ୍ମ ହେଇଛି ମାନେ
ଏସବୁରେ ମାତିବା କଥା ମାତିବ ।

ଆମେ ତଳ ଶ୍ରେଣୀର ଲୋକ
ସମୟେ ସମୟେ ଚାଲୁ ଖାଲିପାଦରେ
ରାଜପଥ
ଆଉବେଳେ ଚାଲୁ ଗହୀରବିଲରେ
କୋଇଲିଖିଆ କଣ୍ଟା କବଳିତ ବାଟ ।

ହଁ, ଆମେ ମାନୁଛୁ
ସ୍ୱାମୀ
ସ୍ତ୍ରୀ
ଭାଇଭଗାରୀ,
କଳିଗୋଳ ବେଳେ
ମାନୁନା ଅକ୍ଷଣ୍ଡକ୍ଷଣ୍ଡ
ଖାଲରେ ପଡି କି
ଢିପରେ ପଡି
ପାଲଟିଯାଉ ଭୀମ ଦୁଃଶାସନ
ଦୁର୍ଯ୍ୟୋଧନ ଯୁଧିଷ୍ଠିର
ଏସବୁ ଘଟୁଥାଏ ଦିନବେଳେ
ରାତିହେଲେ, ସବୁ ଚୁପଚାପ
ସତେଯେମିତି ଘଟିନି କିଛି
ଆମ ଭିତରେ ଅଘଟଣ ।

ଆମେ କିନ୍ତୁ ତୁମ ପରି
ହସିପାରୁନା ମିଛହସ
ପ୍ରାର୍ଥନା ବୋଲିବା ବାହାନାରେ
ବୋଲି ପାରୁନା ଅମଙ୍ଗଳ ପାଇଁ ମନ୍ତ୍ର ।

ଜୀବନ ମଧୁମୟ

ଲାଗେ ସବୁ ମୁହୂର୍ତ୍ତ ର ସ୍ମୃତି ଅମୃତ ଅମୃତ
ଚାଲୁଥାଉ ସେମିତି ଗହୀରବିଲର ପାଟ
ଶୁଣୁଥାଉ କାଉକୋଇଲିଙ୍କ ରାବ
ଆମେ ଖୋଜୁଥାଉ କଳିଗୋଳ ମଧ୍ୟେ
ସ୍ନେହ ସମ୍ପର୍କର ଭାବ ।

ଜଳୁଥାଅ ସେମିତି
ଦେଖୁଥାଅ, ତଳସ୍ତର ଜୀବନର ବିଶ୍ୱ
ରୂପ ।

ହଁ, ମହାଜନେ !
ଜଳନି ଆଉ
କୋଉ ମହାଦଶା ପଡିଛି ଗ୍ରହନକ୍ଷତ୍ରଙ୍କର
ଡାକିବି କି ଧଡି ଅବଧାନେଙ୍କୁ
ଶନିମହାଦଶା ହଉ କି ଶୁକ୍ରମହାଦଶାରୁ
ପାଇବାକୁ ତ୍ରାହି
ଜଣାଅଛି ତାଙ୍କୁ ବିଧିବିଧାନ
କରିବାକୁ ରିଷ୍ଟଖଣ୍ଡନ ।

❤ ଗୁଲନଗର, କେନ୍ଦ୍ରାପଡା
(ମୋ) ୯୦୯୦୫୮୪୧୩୦

## ॥ ଗମ୍ଭିରା ଘର ! ॥

### ମାନିନୀ ମିଶ୍ର



କେଉଁ ଈଶ୍ୱର କଥା କହୁଛ ?
ପୃଥିବୀର ଏପାଖେ ଥାଇ
କାହିଁକି ବଜଉଛ ମାର୍ଦ୍ଦଳ ?

ଥାକ ଥାକ କଟା ହାତରେ ପାରି ହେଇଛି ସିଂହାସନ
କିଛି ଜିଭର ବାଜା ବଜାଇବାର ନାହିଁ ।

ଯେଉଁ ଦିନରୁ , ବୁଝି ପାରିଲି ତମ ଚଉକାଠର ପରଖ !
ଯେଉଁ ଦିନଠାରୁ ଦେଖିଲି
ଜୀବନ ମାନେ ଅଧାଦିନ ଆଲୁଅର ନୁହେଁ
ମତେ କୁହନା କେଉଁଠି ସେ କଳାହାଣ୍ଡିଆ ଅନ୍ଧାର !
ଯେଉଁ ଦିନକୁ ଭେଟିଲି
ମୁଠାଏ ଗ୍ରହଣ ଲଗା ଜହ୍ନକୁ ଘୋଡ଼େଇ
ଅଧା ଜୀବନ ଉପାସରେ ବିତାଇ ସାରି ଥିବା ମାଁ'କୁ

ଜାଣିଛ ! ମୋ ପାଇଁ ସେଦିନଠୁ ଈଶ୍ୱର ! ମୃତ !

ଏବେ ତମ ଈଶ୍ୱର ଘରେ ମେଞ୍ଚା ମେଞ୍ଚା ଫସିଲ୍, ମଣିମା ?

କେବେ ଏଠି ତପସ୍ୱିନୀ ସାଜିଥିବା ଭୂମିସୂତାର କଥା କୁହନା

ମୋ ବଗିଚାର ଫୁଲ ସବୁକୁ ଢ଼େଉରେ ଭସେଇ ଦେଉଛି
ଏବେ ଗଙ୍ଗଶିଉଳିକୁ ଉଧାର ସୂତ୍ରରେ ବିଞ୍ଚି ଦେ କୁହନା

ଇଡି ଯାଇଥିବା ଥୋପା ଥୋପା ତୋଫା ଚନ୍ଦନ
କଥାଚିତ୍ରରେ ଥାଉ

ଏଥରକ ମୃତ୍ୟୁର ପେଡିରେ ଈଶ୍ୱର, ତାଙ୍କ ପାଇଁ
ଏ ମାଟି ଉପର ଦୁବ ଘାସର ଗାଲିଚା କଥା ଉଠାଅନା

କଥା ହେବାକୁ ଅଛିକି, କିଛି ବୈରାଗୀ ମଳିକ କଥା ପଚାରନା
ଆସିବାକୁ ଅଛି ଯଦି ସେ ଲୁଚାଛପା କଥା ଛାଡ଼ି ଦେଇ ଆସ
ଏବେ ଯେତକ ସମୟ ମୋ ସହ ବିତେଇବାର ଅଛି
କେଉଁ ଈଶ୍ୱର ମୂର୍ତ୍ତି ର ବିଲ୍ୱବରଣ ମନ୍ତ୍ର ଉଚ୍ଚାରିବାକୁ କୁହନା
କଜ୍ଜ୍ୱଳ ଧାରଣ ବେଳେ କଜଳପାତିକୁ ହଜେଇ ସାରିଛି
ମତେ ଛାଗଳର ମେଁ ମେଁ ଆଉ ଶୁଣାଅନା
ଏବେ ମୋର ସେଇ ପ୍ରେମର
ଗାୟବ ହେବା ସମ୍ବାଦ ପ୍ରଚାର କରନା ।

ହଁ ଆସିବତ ଆସ ଏଥରକ ଲେଉଟାଣିକୁ
ମୋ ଘର ଅଗଣାରେ ସାଇତିଛି କିଛି ବଳକା ମାଟି
ଗଢିବି ମୁଠାଏ ଇଡି ଯାଇଥିବା ଜୀବନର ବିହନ
ଈଶ୍ୱର ତୋପା ଶ୍ମଶାନକୁ ପଛକରି ଥୋଇ ଆସିଛି
ଲଙ୍ଗଳଟେ, ତାର ଚକ୍ ଚକଉ ଥିବା ଲଙ୍ଗଳକଣ୍ଟିରେ

ଏବେ ବୁନ୍ଦାଏ ପ୍ରେମ ଲଟକି ରହିଛି
ସେଇ ଶେଷତମ କାହାଣୀତ କୁହ ।

❤ (ମୋ) ୮୨୪୯୩୪୨୩୪୬

## ॥ ଭରସା ॥



### ଅଶ୍ୱିନୀ କୁମାର ଦାଶ

ପକ୍ଷୀଗୁଡା ବୋକା ବୋଲି
ପୋକରା ଡାଳରେ ବସା କରନ୍ତି
ତ ତାରରେ ଡେଣା ବଜେଇ
ଚିତ୍‌ପଟାଂ ମାରନ୍ତି କେବେକେବେ...

ଯେତେକହ
ଯେମାନେ ବୋକା ନିର୍ବୋଧ ଅ'ଅକ୍ଷର ବିବର୍ଜିତ
କେବଳ ଭୁଜାଭଜା ବାଇଗଣ ପୋଡା ଛୁଆକରା
ଓ ମରା ଛଡା ଆଉ କିଛି ବି ଜାଣନ୍ତିନି ବୋଲି ତ
ଜାଣନ୍ତି କେବଳ ସିମେଂଟ୍ ପଦ୍ମ ଗୋଟେ
କେମିତି ପଦ୍ମେଇଯାଏ ପୂର୍ ପୂର୍ ଦୁଧରେ...

ଭରସା ବୋଲି ତ
ଗୋଟେ ଖୁମ୍ବରୁ ବି ନୃସିଂହ ବାହାରେ ।
ଓ ଅସହାୟା ନୀବିବଂଧରୁ
ସୂତା କଢା ବି ସରେନି...

❤ ସିଦ୍ଧେଶ୍ୱର କଲୋନି, ରେମୁଣା ଗୋଲେଇ,
ବାଲେଶ୍ୱର, (ମୋ):୯୮୬୧୭୬୭୮୦୪

## ॥ ଭଗ୍ନ କୋଣାର୍କ ॥

### ଐଶ୍ୱର୍ଯ୍ୟା ପ୍ରଧାନ



ନିଷ୍କଳଙ୍କ ଛୋଟ ଏକ ପୃଥିବୀରେ
ସୁନ୍ଦର ଉଆସ
ପାଖ ମାଡୁ ନଥିବ, ବାଆ କି ବତାସ
ନା ଲାଗିବ ଜହ୍ନରେ ଗ୍ରହଣ
ନା ସୂର୍ଯ୍ୟରେ ପରାଗ
ମନ ତ ଆକାଂକ୍ଷାର ଭଣ୍ଡାର
ପ୍ରତି କ୍ଷଣେ କେତେ ଯେ ଉନ୍ମାଦନା
ଚାହେଁ ଧରା ପୃଷ୍ଠର ସମଗ୍ର ସୁଖକୁ
ହାତରେ ସାଉଁଟିବା ପାଇଁ
ହେଲେ,
ଈପ୍ସିତ ଇନ୍ଦ୍ରିୟ ବି କରେ ପ୍ରତାରଣା !

ଶୁଣିଛି ସେ ନୀଳ ହ୍ରଦର ରାଜକୁମାର କଥା
ଅଦ୍ଭୁତ ତାର ଶକ୍ତି,
ବିସ୍ମୟ ସେ ଅଗନା ଅଗନି ବନସ୍ତର
ରାଜକୁମାରୀ

ସେ ରାଜାରାଣୀ, ପାଟ, ପଟୁଆର
ଓଃ ! ଇଏ ତ ଦିବାସ୍ୱପ୍ନ
ନା ମୁଁ ନୀଳହ୍ରଦର ରାଜକୁମାର
ନା ଅଛି ମୋର ପ୍ରାଚୁର୍ଯ୍ୟର ଖଣି
ସତ୍ୟ ଯେ ଲେଲିହାନ ଶିଖା !
ଗଢ଼ି ପାରିବିନି ସେ ବିଳାସବ୍ୟସନର ଅଟ୍ଟାଳିକା
ଅଜାଡ଼ି ବି ପାରିବିନି ସବୁ ସୁଖଦ ମୁହୂର୍ତ୍ତକୁ
ଚରଣ ତଳେ
ନା ତୋଳି ଆଣି ପାରିବି ଚନ୍ଦ୍ରମଲ୍ଲୀ
ନା ତୁମକୁ ଦେଇ ପାରିବି ଚିତ୍ରଲେଖାର ଉପାଧି
ଅସହାୟ ମୁଁ !
କିନ୍ତୁ, ହୃଦୟରେ ତୋଳିଛି ବଖରାର ଉଆସ
କେତେ ଯତ୍ନରେ ସିଞ୍ଚିଛି
ଆତ୍ମୀୟତାର ମାଟି,

ପ୍ରେମର ଚୋରାବାଲି, ପଥର ଓ ରଙ୍ଗ
ଗ୍ରହଣ କରିବ ?
ନା ଦେବ ମୋତେ ପାଗଳର ? ଆଖ୍ୟା !

ହୃଦୟକୁ ଚିରି କେମିତି ଦେଖେଇବି
ସେ ବଖରାର ଉଆସକୁ
ଲାଗିପାରେ ସ୍ୱର୍ଣ୍ଣାଭ ମାୟା ମୃଗର ପ୍ରତିଛବି
ସେ ତୁମକୁ
ବିଶ୍ୱାସ କର, ଢ଼ାଳିଛି ମୋ ଲୁହଲହୁ,
ହସଖୁସି,
ଆଉ ଗୋଟେ ପ୍ରେମିକର ନିଛକ ଭଲପାଇବା
ସବୁକିଛି ସେ ଉଆସରେ ।

❤ କନ୍ଧେଇମାଳ, ଉକ୍ରୋଲା,
କଳାହାଣ୍ଡି
(ମୋ) ୭୦୦୮୯୩୧୫୯୯

# ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମ ପାଟିର ବାହାରୁ ଥିବା ସମସ୍ତ ବାକ୍ୟ କାବ୍ୟମୟ : ବନମାଳୀ ସେନାପତି

**ବନମାଳୀ ସେନାପତି, ଓଡିଆ ସଂପାଦନା ଓ ଗଳ୍ପ ଜଗତରେ ଗୋଟେ ସ୍ୱଷ୍ଟ ପାଦଚିହ୍ନ । ତାଙ୍କ ସଂପାଦନାରେ ବାରିହୁଏ ଯୋଉ ନିଆରାପଣ ତାହା ଉଲ୍ଲେଖ ଯୋଗ୍ୟ । ବାସ୍ତବ ଜୀବନର ଚିତ୍ରକୁ ସେ ରୂପ ଦେଇପାରନ୍ତି ତାଙ୍କ ଗଳ୍ପମାନଙ୍କରେ ଅବିକଳ । କେବେ କାହାଣୀରେ ତ କେବେ ଉପସ୍ଥାପନାରେ ସ୍ୱତନ୍ତ୍ର ଦିଶେ ତାଙ୍କ ଗଳ୍ପଜଗତ । ତାଙ୍କ ସହ ଏଥରର ଆଳାପ...**



■ ଅଳ୍ପରେ ବନମାଳୀ ସେନାପତି



ଜନ୍ମ:- ୩୧/୦୫/୧୯୫୯
ପିତା:- ସ୍ୱର୍ଗତ ବ୍ରହ୍ମାନନ୍ଦ ସେନାପତି
ଜନ୍ମସ୍ଥାନ:- ଗୋପ, ଆଳି, କେନ୍ଦ୍ରାପଡା
ଶିକ୍ଷା:- **M.A., B.Ed, Diploma in Journalism**

ବୃତ୍ତି : ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ପ୍ରବୃତ୍ତି : ୨୦୦୦ ମସିହାରୁ 'ପରାଗ'ର ସମ୍ପାଦନା
ପ୍ରକାଶିତ ପୁସ୍ତକ : ଶେଷ ଠିକଣା, ସବୁଜ ସକାଳର ଅପେକ୍ଷାରେ, ବିବର ଶେଷର ସୂର୍ଯ୍ୟୋଦୟ
ବଦଳି ଯାଇଥିବା ରାସ୍ତା (ଯନ୍ତ୍ରସ୍ଥ)



ଜଣେ କବି, ସମ୍ପାଦକ ଭାବେ ସମ୍ବର୍ଦ୍ଧିତ ହେବାର ବିଭୋର ମୁହୂର୍ତ୍ତ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୁଁ କଲେଜରେ ପଢିଲା ବେଳେ କବିତା ଲେଖିବା ଆରମ୍ଭ କରିଥିଲି । ଥରେ ମୋର ଜଣେ ଆତ୍ମୀୟଙ୍କୁ ଏହା ଦେଖାଇବାରୁ ସେ ଏମିତି ମୋତେ ବିରକ୍ତ ହେଲେ ଯେ ମୁଁ ଡରରେ ମୋ କବିତା ଆଉ କାହାକୁ ଦେଖାଇବାକୁ ସାହସ କରି ନଥିଲି କି କୌଣସି ପତ୍ରିକାକୁ ମଧ୍ୟ ପଠେଇବ ଇଚ୍ଛା କରିନଥିଲି । ଏମିତି ସମୟ ଆସିଲା ଯେ ଦିନେ ସବୁ କବିତାକୁ ନିଆଁ ଲଗେଇ ପୋଡ଼ି ଦେଲି । ଏହା ପରେ ଶିଶୁ କବିତା ଓ ଗପ ଲେଖିଲି ଯାହା ସ୍ୱର୍ଗତ ଜଗବନ୍ଧୁ ମହାନ୍ତି ଓ ରାଜୁ ପଡିହାରୀଙ୍କ ସମ୍ପାଦନାରେ ପ୍ରକାଶିତ ଶିଶୁ ସାହିତ୍ୟ ପତ୍ରିକା 'ଆସ ସଙ୍ଗାତେ' ର ପ୍ରତି ସଂଖ୍ୟାରେ ଗପ ହେଉ କି କବିତା ଯାହା ହେଲେ ବି ବାହାରୁ ଥିଲା । ମୁଁ ଏହାର ସହ ସଂପାଦକ ଥିଲି । ଥରେ ମୁଁ କୋରେଇ ମଣ୍ଡଳ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବକୁ ଯାଇଥାଏ । ପ୍ରସିଦ୍ଧ ସାହିତ୍ୟିକ ନନ୍ଦ କିଶୋର ସିଂ ତାଙ୍କ ସାହିତ୍ୟ ପତ୍ରିକା 'ବୋଲେ ହୁଁ ଟି' ପାଇଁ ଗୋଟିଏ ଗପ ଲେଖିବା ପାଇଁ କହିଲେ । ମୁଁ ମନା କଲି ସେ କିନ୍ତୁ ବାଧ କଲେ । ତାଙ୍କରି ଅନୁରୋଧରେ ମୁଁ ପ୍ରଥମ ଗପ 'ଫୁଲ ବଗିଚା' ଲେଖିଥିଲି । ନନ୍ଦ ସାର୍ ଭାରି ଖୁସି ହୋଇଯାଇଥିଲେ ମୋ ଗପ ପଢ଼ି । ତା ପରେ ନିୟମିତ ମୋ ଗପ ଲେଖା ଚାଲିଲା ଓ ଏବେ ବି ଚାଲିଛି । ବର୍ତ୍ତମାନ ସୁଦ୍ଧା ମୁଁ ଶହେ ପାଖାପାଖି ଗପ ଲେଖି ସାରିଲିଣି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୁଁ ହାଇସ୍କୁଲରେ ପଢିଲା ବେଳେ ମୋ ବଡ଼ବୋଉକୁ ସବୁ ପୁରାଣ ପଢିକି ଶୁଣାଇଛି । ଆମ ଗାଁରେ ଲାଇବ୍ରେରୀରେ ସବୁ ଗପ, ସିରିଜ ଡିଟେକ୍ଟିଭ ପଢ଼ିଥିଲି । କଲେଜରେ ଗୋପୀନାଥ ମହାନ୍ତି, କାଳିନ୍ଦୀ ଚରଣ, ଫକୀର ମୋହନ, କାହ୍ନୁଚରଣ, କିଶୋରୀଚରଣ ଦାସ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ରାଧାମୋହନ ଗଡ଼ନାୟକଙ୍କୁ ପଢିଲି । ଆମ ଗ୍ରାମର ଗାଳ୍ପିକ ଓ ଔପନ୍ୟାସିକ କାଳିନ୍ଦୀ ଚରଣ ଜେନା ତାଙ୍କର ଗପ ଗୁଡିକ ଆଉଥରେ ଲେଖିବାକୁ ମୋତେ ଦେଉଥିଲେ । ତାଙ୍କର ସେହି ଗପ ସବୁକୁ ଉତାରୁ ଉତାରୁ ଗପ ଲେଖିବାର ଇଚ୍ଛା ମୋ ମନରେ ସୃଷ୍ଟି ହୋଇଥିଲା ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ଯେଉଁଦିନ ମୋର ପ୍ରଥମ ଗପ ପ୍ରକାଶ ପାଇଥିଲା ମୁଁ ବହୁତ ଖୁସି ହୋଇ ଯାଇଥିଲି । ଆଉ ଅନେକ ଲୋକଙ୍କୁ ପଢେଇ ଥିଲି । ସେମାନଙ୍କ ପ୍ରଶଂସା ମୋତେ ଆଜି ଜଣେ ଗାଳ୍ପିକ କରିପାରିଛି । ମୋର ପ୍ରଥମ ଗଳ୍ପ ସଂକଳନ 'ଶେଷ ଠିକଣା' ଦ୍ୱିତୀୟ ଗଳ୍ପ ସଂକଳନ 'ସବୁଜ ସକାଳର ଅପେକ୍ଷାରେ' ଓ ତୃତୀୟ ଗଳ୍ପ ସଂକଳନ 'ବିବର ଶେଷର ସୂର୍ଯ୍ୟୋଦୟ' ଆଉ ଚତୁର୍ଥ ଗଳ୍ପ ସଂକଳନ 'ବଦଳି ଯାଇଥିବା ରାସ୍ତା' ଏବେ ଯନ୍ତ୍ରସ୍ଥ । ଆଉ ଅନେକ ଗଳ୍ପ ମୋ ପାଖରେ ଆଗାମୀ ଦିନର ସୂର୍ଯ୍ୟୋଦୟ ଦେଖିବାକୁ ଅପେକ୍ଷାରତ । ଆପଣ ପଚାରିଛନ୍ତି ମୋର ପ୍ରିୟ ପୁସ୍ତକ କିଏ । ସେ କଥା ମୁଁ କଣ କହି ପାରିବି । ସମସ୍ତେ ମୋର ମାନସ ସନ୍ତାନ । ସମସ୍ତେ ମୋ ପାଖରେ ସମାନ, ସମସ୍ତେ ମୋର ପ୍ରିୟରୁ ପ୍ରିୟତର ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟକୁ ନେଇ ମୁଁ ଅନେକ ଆଶାବାଦୀ । ନହେବ ବା କାହିଁକି । ଆମେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କଲେଣି । ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଲେଣି । ଆଗ ଭଳି ଓଡ଼ିଆ ପିଜି ସିଟ୍ ଆଉ ଫାଙ୍କା ପଡୁନି । ଆମେ ଶାସ୍ତ୍ରୀୟ ମାନ୍ୟତା ପାଇ ସାରିଛନ୍ତି । ତେଣୁ ନୈରାଶ୍ୟ ହେବାର ପ୍ରଶ୍ନ ଉଠୁନାହିଁ । ଓଡ଼ିଆ ସାହିତ୍ୟକୁ ସମସ୍ତଙ୍କ ପାଖରେ ପହଂଚେଇ ହେବ ଅଧିକରୁ ନିଛକ କାହାଣୀ ଲେଖିଲେ । ଆଉ ସରକାର ସାହିତ୍ୟ ପତ୍ରିକାଗୁଡ଼ିକ ପ୍ରତି ତାଙ୍କର ଶୁଭ ଦୃଷ୍ଟି ପକାଇଲେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମୋ ମତରେ ମାତୃଭାଷା ଆଦୌ ସଙ୍କଟରେ ନାହିଁ । ଓଡ଼ିଶାରେ ଦେଢ଼ଶହ ସାହିତ୍ୟ ପତ୍ରିକା ବାହାରିଲାଣି । ହଜାର ହଜାର ସାହିତ୍ୟିକ ଗପ, କବିତା, ପ୍ରବନ୍ଧ, ଜୀବନୀ ଓ ଭ୍ରମଣ କାହାଣୀ ଲେଖିଲେଣି । ତେବେ ସଙ୍କଟ ଅଛି ବୋଲି କାହିଁକି ଭାବିବି ।

■ ଭଲ ଗଳ୍ପ ଓ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯେଉଁ ଗପ ପଢ଼ି ଜଣେ ପାଠକ ବିମୋହିତ ହେବ ଓ ସେ ଗଳ୍ପକୁ ଅନେକ ଦିନ ପର୍ଯ୍ୟନ୍ତ ମନେରଖି ପାରୁଥିବ, ସେହିପରି ଗପ ହିଁ ସଫଳ ଗପ । ଯେପରି ଅନେକ ଦିନ ତଳେ ମୁଁ ପଢିଥିବା ମନୋଜ ଦାସଙ୍କ 'ମଧୁବନର ମେୟର' ଗପଟିକୁ ମୁଁ ଆଦୌ ଭୁଲି ପାରିନି ଏ ପର୍ଯ୍ୟନ୍ତ । ଆଉ କବିତା ତ ଆମ ଜୀବନ ସଂଗୀତ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମ ପାଟିର ବାହାରୁ ଥିବା ସମସ୍ତ ବାକ୍ୟ କାବ୍ୟମୟ । ମୋ ମତରେ ସାହିତ୍ୟ ମାଧ୍ୟମରେ ପରିବର୍ତ୍ତନ ନିଶ୍ଚିତ ସମ୍ଭବ ।

■ ଜଣେ ସଂପାଦକ ଭାବରେ ଓଡିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଜଣେ ସଂପାଦକ ଭାବରେ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ମୁଁ ଅନେକ ଆଶାବାଦୀ । ନୂଆ ପିଢ଼ିର ଲେଖକମାନେ ସୁନ୍ଦର ଭାବରେ ଲେଖାଲେଖି ଆରମ୍ଭ କରିଛନ୍ତି । ଅନେକଙ୍କ ନିକଟରେ ନୂଆ ଟ୍ରେଣ୍ଡ କିଛି ଦେଖିବାକୁ ମିଳୁଛି । ଗୋଟିଏ ଗୋଟିଏ ଘଟଣା ବା ଦୁର୍ଘଟଣା ସାହିତ୍ୟର ରାସ୍ତା ବଦଳେଇ ଦେଉଛି ଯେପରି ୧୯୯୧ ମସିହାର ମୁକ୍ତ ଅର୍ଥନୀତି, ୧୯୯୯ ମସିହାର ମହାବାତ୍ୟା ଆଉ ଏବେକାର କରୋନା ମହାମାରୀ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଜଣେ ଲେଖକ ପୁରସ୍କାର ପାଇଁ ଲେଖେ ନାହିଁ । ପୁରସ୍କାର ତା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗୁରୁତ୍ୱପୂର୍ଣ୍ଣ ହେଉଛି ପାଠକୀୟ ସ୍ୱୀକୃତି । ପୁରସ୍କାର ତାକୁ ଅଧିକ ଲେଖିବାକୁ ପ୍ରୋତ୍ସାହିତ କରିଥାଏ । କୌଣସି ଲେଖକ ପୁରସ୍କାର ପଛରେ ନପଡ଼ି ଭଲ ସାହିତ୍ୟ ପଛରେ ଦୌଡ଼ିଲେ ତାହା ସମାଜ ଓ ତାଙ୍କ ନିଜର ମଙ୍ଗଳ କରିବ । ♥



ନିଜର ପତ୍ନୀଙ୍କ ସହ ଗାଳ୍ପିକ ତଥା ସମ୍ପାଦକ ବନମାଳୀ ସେନାପତି...

## ବିଶେଷ କଥନ

# ସମଲପୁରେଁ ତୁଇଁ ରହିଲୁ ମା ଗୋ... ନା ତୋର ସମଲାଇ...



**ଅଲେଖ ଚନ୍ଦ୍ର ସାମଲ**

ସମଲପୁରେଁ ତୁଇଁ ରହିଲୁ ମା ଗୋ... ନା ତୋର ସମଲାଇ... ତୁଇଁ ମାଁ ସାରଳା ଗୋ... ତୁଇଁ ମାଁ ବିମଲା ଗୋ ତୁଇଁ ପରେ ବିରଜାଇ... ଜଗତ ଜନନୀ ମା ସମଲେଶ୍ୱରୀଙ୍କ ପ୍ରିୟ ଭଜନ ମାଲେଶ୍ୱରୀର ଏଇ କେଇପଦ ହିଁ ତାଙ୍କ ବିଶାଳତା ସର୍ବବ୍ୟାପକତାକୁ ବୟାନ କରୁଛି । କେଉଁ କାଳରୁ ଜନଶ୍ରୁତିରେ ଚାଲି ଆସିଥିବା ଏହି ଗୀତରେ ମାଁଙ୍କ ପ୍ରତି ଭକ୍ତର ଆବେଗ, ଭକ୍ତି, ବିଶ୍ୱାସ ଏବଂ ସମର୍ପଣ ସବୁ କିଛି ସମାହିତ ହୋଇଯାଇଛି । ମାଁ ସମଲେଶ୍ୱରୀ କାହିଁ କେଉଁ କାଳରୁ ସମଗ୍ର ଓଡ଼ିଶାର ବିରାଟ ଭୂଖଣ୍ଡର ପ୍ରତ୍ୟକ୍ଷ ଦେବୀ ଭାବେ ଉଭା ହୋଇ ଆସିଛନ୍ତି । ବିଶେଷ କରି ପଶ୍ଚିମ ଓଡ଼ିଶାର ଜନ ଜୀବନର ପ୍ରତିଟି ମୁହୂର୍ତ୍ତରେ ମାଁଙ୍କ ସ୍ଥାନ ସର୍ବୋଚ୍ଚରେ ରହି ଆସିଛି । ଏଥିପାଇଁ ଏହାର ପୌରାଣିକ କଥାବସ୍ତୁ ଯେତିକି ମହନୀୟ ତାର ଐତିହାସିକ ଆବେଦନ ବି ସେତିକି ରୋମାଞ୍ଚକର ।

ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ଜଗଜ୍ଜନନୀ ମା' ସମଲେଶ୍ୱରୀଙ୍କର ସମଗ୍ର ରାଜ୍ୟ, ଦେଶ ତଥା ପୃଥିବୀରେ ଅଗଣିତ ଭକ୍ତ ରହିଛନ୍ତି । ମା'ସମେଲଶ୍ୱରୀଙ୍କ ଦର୍ଶନ କରୁଥିବା ବ୍ୟକ୍ତିଙ୍କୁ ମା'ଙ୍କ କୃପା ଲାଭ ହୋଇଥାଏ । ସେହି ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ତଥା ଭକ୍ତିଭାବକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ଆରମ୍ଭ ହୋଇଥିଲା ସମଲେଇ ପ୍ରକଳ୍ପ । ଆଉ ଜାନୁଆରୀ ୨୭ ତାରିଖ ଶନିବାର ଦିନ ଏହା ମୁଖ୍ୟମନ୍ତ୍ରୀଙ୍କ ହାତରେ ଲୋକାର୍ପିତ ହେବାକୁ ଯାଉଛି । ଏହି ପ୍ରକଳ୍ପକୁ ନେଇ କେବଳ ସମ୍ବଲପୁର ନୁହେଁ ଦେଶ ଦୁନିଆରେ ମା' ସମଲେଶ୍ୱରୀ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ହୋଇଛି । ସମଲେଇ ପ୍ରକଳ୍ପରେ ମୁଖ୍ୟତଃ ଚାରିଗୋଟି ପ୍ରାଥମିକ ଲକ୍ଷ୍ୟକୁ ସାକାର କରାଯାଇଛି । ମା'ସମଲେଶ୍ୱରୀଙ୍କ ମନ୍ଦିର ପରିସରର ଭବ୍ୟ ରୂପାନ୍ତରଣ ହୋଇଛି । ଦ୍ୱିତୀୟତଃ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦିବ୍ୟ ଅନୁଭବ ପ୍ରାପ୍ତି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ସମ୍ବଲପୁର ତଥା ଓଡ଼ିଶା ପର୍ଯ୍ୟଟନର ଅର୍ଥନୀତି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ମନ୍ଦିର ଚାରିପାର୍ଶ୍ୱରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ ଓ ସ୍ଥାନୀୟ ଅଧିବାସୀଙ୍କ ଆର୍ଥିକ ବିକାଶ ପାଇଁ ସୁଯୋଗ ସୃଷ୍ଟି ହେବ । ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ପର୍ଯ୍ୟଟକ ସମ୍ବଲପୁର ଆସିବା ଦ୍ୱାରା ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହୋଇପାରିବ ।

ଏହାର କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ସମ୍ବଲପୁରର ଚୌହାନ ବଂଶର ରାଜା ବଳରାମ ଦେବ ନିଜ ସୈନ୍ୟ ସାମନ୍ତ ସହ ତାଙ୍କ ପରିଭ୍ରମଣ ପାଇଁ ମହାନଦୀ କୂଳରେ ଶିବିର ସ୍ଥାପନ କରିଥିଲେ । ସେହି ସମୟରେ ଅଲୌକିକ ଘଟଣାକ୍ରମରେ ଏ ମାଟି ବୀର ମାଟି ବୋଲି ସେ ଅନୁଭବ କରି ଏଠାରେ ଗଡ଼ ବା ଦୁର୍ଗ ସ୍ଥାପନ ପାଇଁ ମନସ୍ଥ କରିଥିଲେ । ସେହି ସମୟରେ ରାଜାଙ୍କୁ ମା'ସମଲେଶ୍ୱରୀଙ୍କ ସ୍ୱପ୍ନାଦେଶ ହେଲା । ଆଉ ମହାନଦୀର ମଧ୍ୟ ଭାଗରେ ଗୁମଦରହ ନାମରେ ଏକ କୁଦ ବା ଦ୍ୱୀପରେ ଶିମୁଳି ମା'ଙ୍କ ମୂଳ ଆସ୍ଥାନ ବୋଲି ରାଜା ସ୍ୱପ୍ନାଦେଶ ଆଧାରରେ ଠାବ କରିଥିଲେ । ଆଉ ବହୁ ବାଧାବିଘ୍ନ ଭିତରେ ମା'ଙ୍କ ମନ୍ଦିର ନିର୍ମାଣ ହୋଇଥିଲା । ଐତିହାସିକଙ୍କ କମତରେ ମାଙ୍କ ସ୍ୱରୂପ କୌଣସି ବୈଦିକ ଦେବୀଙ୍କ ଅନୁଯାୟୀ ହୋଇନାହିଁ । ଏହା ଏକ ବୃହତ ପ୍ରସ୍ତର ଖଣ୍ଡର ତଳ ଭାଗରେ ଜିଭ ଭଳି ଏକ ଅଙ୍କୁରିତ ଅଂଶ ରହିଛି । କେହି ମାଙ୍କ ଗଠନ ଗୋମୁଡ ତ ଆଉ କେହି କଚ୍ଛପ ସ୍ୱରୂପା ତ ପୁଣି କେହି ଜିଭ ଆକୃତିରେ ଦର୍ଶନ କରୁଛନ୍ତି । ମା'ସମଲେଶ୍ୱରୀ ମନ୍ଦିର ଓ ପାର୍ଶ୍ୱରେ ଥିବା ହେରିଟେଜ କରିଡ଼ର ରୂପାନ୍ତରଣ ସମୟରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଇଛି । ପୂର୍ବରୁ ରହିଥିବା ସମସ୍ତ କଳାକୃତି ଯେଭଳି ଅକ୍ଷୁର୍ଣ୍ଣ ରହିବ ଏଥି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

ତେବେ ପ୍ରକଳ୍ପ ଅନୁମୋଦନକୁ ତିନି ବର୍ଷ ପୁରିବା ପୂର୍ବରୁ ଏହା ଲୋକର୍ପଣ ହେବାକୁ ଯାଉଛି । ଆଉ ଏହି ରେକର୍ଡ଼ ସମୟ ମଧ୍ୟରେ ଏତେ ବଡ଼ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଗତ ତିନିବର୍ଷ ମଧ୍ୟରେ ସେ ବହୁବାର ସମ୍ବଲପୁର ଗସ୍ତ କରି ଏହାର ସମୀକ୍ଷା ଏବଂ ତଦାରଖ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ମନ୍ଦିର ଚାରପଟେରେ ଶହ ଶହ ବର୍ଷ ଧରି ରହି ଆସିଥିବା ଲୋକଙ୍କୁ ଉଚ୍ଛେଦ କରି ନ୍ୟାୟପୂର୍ଣ୍ଣ ଥଇଥାନ ଦେବା ବଡ଼ ଆହ୍ୱାନ ଥିଲା । ଆଉ ଏହାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପୁରା ଦମ ଲଗାଇ ନିଷ୍ଠାର ସହ ପାଳନ କରିଥିଲା । ଫଳରେ ଆଜି ଏହି ବିଶାଳ ପ୍ରକଳ୍ପ ପାଇଁ ରାଜାରାଜୁଡ଼ା ଅମଳରୁ ରହି ଆସିଥିବା ଆବଶ୍ୟକତା ତଥା ଅଗଣିତ ଭକ୍ତଙ୍କ ସ୍ୱପ୍ନ ସାକାର ରୂପ ନେଇଛି । ଏବେ ଏହାର ଲୋକାର୍ପଣ ପାଇଁ ସେହି ମହାର୍ଘ୍ୟ ମୁହୂର୍ତ୍ତକୁ ଅପେକ୍ଷା । ମା'ସମଲେଶ୍ୱରୀ ଓଡ଼ିଶାବାସୀ ତାଙ୍କ ଭକ୍ତଗଣଙ୍କୁ ଆଶୀର୍ବାଦ କରୁଥାନ୍ତୁ ଏବଂ ଏହି ରାଜ୍ୟର ବିକାଶ ହେଉ ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

♥ ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
(ମୋ) : ୯୪୩୭୨୫୭୧୨



# ମୃତ୍ୟୁଞ୍ଜୟୀ ମହାତ୍ମା



ମଣୀନ୍ଦ୍ର କୁମାର ମେହେର

ମୃତ୍ୟୁ ସେମାନଙ୍କ କବଳିତ କରେ ଯେଉଁମାନେ କେବଳ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଜୀବନ ନିର୍ବାହ କରିଥାନ୍ତି। ଈର୍ଷା, ଦ୍ୱେଷ, ପରଶ୍ରୀକାତରତା, ଅହମିକାର ତାଡ଼ନାରେ ଯେଉଁମାନେ ବ୍ୟସ୍ତ, ବିବ୍ରତ ଓ ବିଚଳିତ ସେମାନଙ୍କୁ ମୃତ୍ୟୁର ଲେଲିହାନ ଶିଖା କ୍ଷଣିକରେ ଭସ୍ମୀଭୂତ କରିଦିଏ। ଜୀବନ କହିଲେ ଯେଉଁମାନେ ଶାରୀରିକ ସ୍ତରର କ୍ଷୁଦ୍ର ସୁଖ ଓ ସମ୍ଭୋଗକୁ ମାତ୍ର କୁହନ୍ତି, ସେଇମାନଙ୍କ ଶରୀର ବିଲୁପ୍ତ ହେବାପରେ ପରେ ହିଁ ସେମାନଙ୍କ ମରଣ ହୋଇଯାଇଥାଏ। ଅରପପକ୍ଷରେ ଯେଉଁମାନେ ବୃହତ୍ତର ଓ ମହତ୍ତର ଉପଲବ୍ଧି ପାଇଁ ଆପଣାର ଜୀବନକୁ ସମର୍ପିତ କରିଥାନ୍ତି ସେମାନଙ୍କ ଶରୀର ତିରୋହିତ ହୋଇଗଲା ପରେ ମଧ୍ୟ ଚେତନାର ସ୍ତରରେ ସେମାନେ ଥାଆନ୍ତି ସଦା ଦୀପ୍ତିମନ୍ତ ହୋଇ। ପ୍ରେମର ଅନୁଭବରେ ଯେଉଁମାନଙ୍କ ହୃଦୟ ପ୍ରଶସ୍ତ, ଦୁଃଖ ଓ ଯନ୍ତ୍ରଣା ସହ୍ୟ କରିବାର ଶକ୍ତିରେ ଯେଉଁମାନଙ୍କ ମନ ବଳିଷ୍ଠ, ଚିରନ୍ତନ ସତ୍ୟର ଆଲୋକରେ ଯେଉଁମାନଙ୍କ ଆତ୍ମା ଉଦ୍‌ଭାସିତ ସେମାନଙ୍କୁ ମୃତ୍ୟୁ ସ୍ପର୍ଶ କରିବା ସମ୍ଭବ ନୁହେଁ। କରୁଣାର ଅବତାର ବୁଦ୍ଧ, ଯୀଶୁଖ୍ରୀଷ୍ଟ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ , ସକ୍ରେଟିସ-ଏଇଭଳି ମହାପୁରୁଷମାନେ ଶରୀର ବିଲୀନ ହୋଇଯିବା ପରେ ମଧ୍ୟ ସୂକ୍ଷ୍ମ ସ୍ତରରେ ରହିଛନ୍ତି ସଦା ସଜୀବ ହୋଇ। ସକ୍ରେଟିସ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇ କାରାଗାରରେ ବନ୍ଦୀ ଥିବାବେଳେ ତାଙ୍କର ପ୍ରିୟ ଶିଷ୍ୟମାନଙ୍କ ବିଚଳିତ ମନକୁ ଶାନ୍ତ କରିବାପାଇଁ ତାଙ୍କ ମୃତ୍ୟୁ ଅସମ୍ଭବ ବୋଲି କିପରି ବୁଝାଇଥିଲେ ତାହା ମନେ ପଡ଼ିବା ମାତ୍ରକେ ହୃଦୟରେ ଖେଳିଯାଏ ଦିବ୍ୟ ଶିହ୍ରଣ। ପାର୍ଥିବ ଶରୀରର ବିଲୁପ୍ତି ପରେ ମଧ୍ୟ ସକ୍ରେଟିସଙ୍କ ଚେତନା କିପରି ଅମର ଜ୍ୟୋତିରେ ଭାସ୍ୱର ହୋଇ ରହିବ ସେଇ କଥା କହି ସେ ନୂତନ ପ୍ରେରଣା ସୃଷ୍ଟି କରିଥିଲେ ସେମାନଙ୍କ ଭିତରେ।

ମହାତ୍ମାଗାନ୍ଧୀ ମଧ୍ୟ ମୃତ୍ୟୁ ଭାବନାରେ କେବେ ବି ବିଚଳିତ ହୋଇନାହାନ୍ତି। ସେ ଗଭୀର ଭାବରେ ଉପଲବ୍ଧି କରିଥିଲେ ଯେ ଚେତନା ରାଜ୍ୟର ଯେଉଁ ଆଲୋକ ତାଙ୍କ ଅନ୍ତରାତ୍ମାକୁ ସଦା ଉଦ୍‌ଭାସିତ କରି ରଖିଛି ତାହା ଅବିନାଶୀ। ଆତତାୟୀର ଗୁଳିରେ ପ୍ରାଣ ବିସର୍ଜନ କରିବାପାଇଁ ସେ ପ୍ରସ୍ତୁତ ହୋଇ ରହିଥିଲେ। ଅନ୍ତିମ ସମୟ ଆସିବା ପୂର୍ବରୁ ପ୍ରିୟ ନାତୁଣୀମାନଙ୍କୁ ସେ କହିସାରିଥିଲେ ଯେ, 'ଯଦି କୌଣସି ରୋଗରେ ମୋର ମୃତ୍ୟୁ ହୁଏ, ହୋଇପାରେ ତାହା ସାମାନ୍ୟ ବ୍ରଣଟିଏ, ତୁ ଘରର ଛାତ ଉପରେ ଛିଡ଼ା ହୋଇ ସମଗ୍ର ଜଗତକୁ ବଡ଼ ପାଟିରେ ଶୁଣାଇଦେବୁ ଯେ, ମୁଁ ଜଣେ ଭଣ୍ଡ ମହାତ୍ମା ଥିଲି ଏବଂ ଯଦି ଗତ ସପ୍ତାହରେ ଘଟିଥିବା ଭଳି ବିସ୍ଫୋରଣ ଘଟେ କିମ୍ବା ଯଦି କେହି ଜଣେ ମୋତେ ଗୁଳି କରନ୍ତି ଏବଂ ମୁଁ ମୋର ଖୋଲା ଛାତିରେ ଦୀର୍ଘଶ୍ୱାସ ବିନା ମୁହଁରେ ରାମନାମ ଧରି ତାର ଗୁଳିକୁ ଗ୍ରହଣ କରେ, କେବଳ ସେତିକିବେଳେ ତୁମେ କହିବ ଯେ ମୁଁ ଥିଲି ଜଣେ ସଚା ମହାତ୍ମା।'

ବାପୁଜୀ ଯାହା ଆଶା କରିଥିଲେ ତାହା ସତ୍ୟରେ ପରିଣତ ହୋଇଥିଲା। ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ସଂଧ୍ୟାରେ ପ୍ରାର୍ଥନା ସଭାକୁ, ପହଂଚିବା ପୂର୍ବରୁ ସେ ହେଲେ ଗୁଳିବିଦ୍ଧ। ସେଇ ମୁହୂର୍ତ୍ତ ହିଁ ଥିଲା ଜୀବନର ଶ୍ରେଷ୍ଠ ପ୍ରାର୍ଥନା କରିବାର ଅପୂର୍ବ ସୁଯୋଗ। 'ହେ ରାମ' ଦୁଇଥର ଉଚ୍ଚାରଣ କରି ଟଳି ପଡ଼ିଲେ ସେ ମାତୃଭୂମିରେ ସ୍ନେହସିକ୍ତ କୋଳରେ। ପ୍ରାର୍ଥନା ସଭାକୁ ସିନା ଗାନ୍ଧୀ ପହଂଚିପାରିଲେ ନାହିଁ, କିନ୍ତୁ ଅସଲ ପ୍ରାର୍ଥନାର ମୁହୂର୍ତ୍ତ ଯେ ଆକସ୍ମିକ ଭାବରେ ତାଙ୍କ ଆଗରେ ଉପସ୍ଥିତ ଏହା ସେ ତତ୍‌କ୍ଷଣାତ୍ ଜାଣିପାରି ସାମାନ୍ୟ ବି କାତର ନହୋଇ, ଯନ୍ତ୍ରଣାରେ ଅସ୍ଥିର କି ଅଧୀର ନହୋଇ ସ୍ମରଣ କଲେ ତାଙ୍କ .... ପରମାରାଧ୍ୟ ପରମେଶ୍ୱରଙ୍କୁ। ଏହା ହିଁ ତ ପ୍ରାର୍ଥନା କରିବାର ସର୍ବଶ୍ରେଷ୍ଠ ମଙ୍ଗଳମୟ ମୁହୂର୍ତ୍ତ। ଦୁଃଖର ବିଗଳିତ ଯନ୍ତ୍ରଣାସିକ୍ତ ହେଉଥିବାବେଳେ ସୁଦ୍ଧା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଆନନ୍ଦିତ ଚିତ୍ତରେ ଯେଉଁ ସଂଗୀତ ଗାନ କରାଯାଏ ତାହା ହିଁ ତ ଅସଲ ପ୍ରାର୍ଥନା। ଓସ୍କାର ଓ୍ୱାଇଲଡଙ୍କ ବୁଲ୍‌ବୁଲ୍ ପକ୍ଷୀ ଗୋଲାପ ଗଛର କଣ୍ଟାରେ ନିଜକୁ ବିଦ୍ଧ କରୁଥିବାବେଳେ, ଧାର ଧାର ହୋଇ ତାର ଶରୀର ଓ ହୃଦୟରୁ ରକ୍ତ ନିଗିଡ଼ି ପଡୁଥିବାବେଳେ ସେ ଜୀବନର ସର୍ବଶ୍ରେଷ୍ଠ ସୁମିଷ୍ଟ ସଂଗୀତ ଗାନ କରିଛି। ଯାହାର ଅର୍ଥ ହେଉଛି ଜୀବନର ଜୟ ଓ ମୃତ୍ୟୁର ପରାଜୟ। ଯୀଶୁ କ୍ରୁଶବିଦ୍ଧ ଥିବାବେଳେ ଈଶ୍ୱରଙ୍କ ନିକଟରେ ଯେଉଁ ପ୍ରାର୍ଥନା କରିଥିଲେ ତାହା ଆମ ଆତ୍ମାକୁ ଧରାଇଦିଏ। ମହାତ୍ମାଗାନ୍ଧୀ ସେଇ ମହତ୍ତର ପ୍ରାର୍ଥନାର ସ୍ୱର ସହ ସ୍ୱର ମିଳାଇ ଯେଉଁ ଦିବ୍ୟ ମୂର୍ଚ୍ଛନା ସୃଷ୍ଟି କଲେ ତାହା ବିଶ୍ୱବାସୀଙ୍କ ଅନ୍ତରକୁ ବିଗଳିତ କରିଦେଲା ଅଦ୍ଭୁତ ଭାବ ତରଙ୍ଗରେ।

ମହାତ୍ମାଗାନ୍ଧୀ ଅନୁଭବ କରିଥିଲେ ଯେ ଥରେ ପ୍ରେମର ପିଆଲା ଧରିବାପରେ ଆଉ କାହାକୁ ଘୃଣା କରିବା ତାଙ୍କ ପକ୍ଷରେ ଅସମ୍ଭବ। ତାଙ୍କ ଜୀବନକୁ ସତ୍ୟର ପରୀକ୍ଷା ବା ପ୍ରୟୋଗ ବୋଲି ଯାହା କୁହାଯାଉଛି ତାହା ପ୍ରକୃତରେ ପ୍ରେମର ହିଁ ପରୀକ୍ଷା ବା ପ୍ରୟୋଗ। ତାଙ୍କର ଅହିଂସା, ଦିବ୍ୟପ୍ରେମ ବ୍ୟତୀତ ଆଉ କିଛି ନୁହେଁ। ପ୍ରେମରେ ଯିଏ ବଂଚେ ଓ ପ୍ରେମରେ ମରେ ତାର ଆଉ ମୃତ୍ୟୁ କାହିଁ ? ଗାନ୍ଧିଜୀ ପ୍ରେମ ଭାବରେ ଏକ ମହତ୍ ଉଚ୍ଛ୍ୱାସ। ଅନୁରାଗ ଓ ଆନ୍ତରିକତାର ଏକ ପ୍ରସ୍ରବଣ। ଯାହାର ଉତ୍ସ ହେଉଛି ବିଶ୍ୱବିଧାତାଙ୍କ କରୁଣା କନ୍ଦର। ମଣିଷକୁ କି ନିସର୍ଗ ଭାବରେ ସେ ଭଲ ନପାଇଲେ। ଥରେ କୁଷ୍ଠରୋଗାକ୍ରାନ୍ତ ମଣିଷମାନେ ତାଙ୍କୁ ସ୍ପର୍ଶ କରିବା ପାଇଁ ବ୍ୟାକୁଳତା ପ୍ରକାଶ କରିବାରୁ ସେତାଙ୍କ ଦୁଇ ବାହୁ ପ୍ରସାରିତ କରିନେଇଥିଲେ ସେମାନଙ୍କୁ ଆଲିଙ୍ଗନବଦ୍ଧ କରିବାପାଇଁ। କାହାର ପ୍ରତି ବି ଘୃଣା ଭାବରେ ସେ ଶିହରି ଉଠିନାହାନ୍ତି। ନିଜ ଆତ୍ମାକୁ ସଂକୁଚିତ କରିଦେଇ ନାହାନ୍ତ ଅପ୍ରେମରେ। ସେ ନିଜ ଅନ୍ତରାତ୍ମାର ସ୍ୱର ଶୁଣିଛନ୍ତି ଧ୍ୟାନ ବିବିକ୍ତ ଚିତ୍ତରେ। ପ୍ରେମ ଓ ଅହିଂସାର ସଂଗୀତ ଗାନ କରିବାପାଇଁ ଏ ଧରଣୀ ବକ୍ଷରେ ତାଙ୍କର ଅବତରଣ ସମ୍ଭବ ହୋଇଛି - ଏ ସତ୍ୟକୁ ସେମାନେ ମର୍ମେ ମର୍ମେ ଅନୁଭବ କରିପାରୁଥିଲେ। ସେଇଥିପାଇଁ ତାଙ୍କ ହୃଦୟ ଅଭ୍ୟନ୍ତରରେ ପ୍ରତିଷ୍ଠିତ ଶାନ୍ତି ଓ ସଂହତି ଭାରତ ଭୂମିରେ ପ୍ରସାରିତ କରିଦେବାପାଇଁ ସେ ନିଷ୍ଠଳ ସାଧନାରେ ଥିଲେ ଧ୍ୟାନମଗ୍ନ। ଯେଉଁ ସ୍ୱର୍ଗୀୟଚ୍ୟୁତି ତାଙ୍କ ଉଚ୍ଚାରଣ ଓ ଆଚରଣ ମଧ୍ୟଦେଇ ପ୍ରକାଶିତ ହେଉଥିଲା ତାହା ତାଙ୍କ ନିବିଡ଼ ସଂସ୍ପର୍ଶରେ ଆସୁଥିବା ପ୍ରତିଟି ମଣିଷକୁ ନେଇ ଯାଉଥିଲା। ଏପରି ଏକ ଅଲୌକିକ ଜଗତକୁ ଯେଉଁ ଜଗତରେ ଭରି ରହିଥିଲା। ମାନବ ଜାତି ପାଇଁ ପରିପୂର୍ଣ୍ଣ ପ୍ରେମ ଓ ସଦିଚ୍ଛା। ସେ ତ କେବଳ ଜାତିର ପିତା ନଥିଲେ। ଅନେକ ଅନୁଭବୀ ଆତ୍ମାଙ୍କ ପାଇଁ ସେ ପୁଣି ଥିଲେ ସ୍ନେହଶୀଳା ମା'ଟିଏ ପରି। ପିତୃ ଓ ମାତୃ ହୃଦୟର କରୁଣା ଯାହାର ଅନ୍ତଃସ୍ଥଳକୁ ନିତ୍ୟ ବିଗଳିତ କରିପାରେ ତାର ଦେହାବସାନ କଣ ତା ଜୀବନର ଶେଷ ରେଖା ବୋଲି କୁହାଯାଇପାରେ। ଗାନ୍ଧୀଙ୍କ ହତ୍ୟାକାରୀ ଭଗ୍‌ବତ୍ ଗୀତା କୁଆଡ଼େ କଣ୍ଠସ୍ଥ କରିଥିଲେ। ଗୀତାର ଭାବାର୍ଥ ଆତ୍ମସ୍ଥ କରିପାରିଥିଲେ ସେ ବୁଝିଥାନ୍ତେ ଯେ ଗାନ୍ଧୀ ଚେତନାକୁ ଗୁଳିବିଦ୍ଧ କରି ମାରି ଦିଆଯାଇପାରେନା। ବାପୁଜୀଙ୍କ ମାଧ୍ୟମରେ ଭାରତରେ ଆତ୍ମା ପ୍ରକାଶିତ ହୋଇଛି ତାର ସ୍ୱର୍ଗୀୟ ଔଜ୍ଜ୍ୱଲ୍ୟ ନେଇ। ନାଥୁରାମ ଜାଣିପାରିଲେ ନାହିଁ ଯେ ଗାନ୍ଧୀ ଏକ ଶରୀର ମାତ୍ର ନୁହନ୍ତି। ସେ ଶାଶ୍ୱତ ଜ୍ୟୋତିରେ ଭାସ୍ୱର ଏକ ଦିବ୍ୟଶକ୍ତି। ମାନବ ଶରୀରକୁ ଗୁଳି ଭେଦ କରିଯାଇପାରେ। କିନ୍ତୁ ମାନବୀୟ ଆଦର୍ଶକୁ କ୍ଷତାକ୍ତ କରିବାରେ ସେ ଗୁଳି ଅସମର୍ଥ। ଗାନ୍ଧୀଙ୍କ ଶରୀର ସେଦିନ ଟଳି ପଡ଼ିଲା ସତ୍ୟ। କିନ୍ତୁ ତାଙ୍କ ମହାନ ଆଦର୍ଶ ରହିଲା ଅଟଳ ହୋଇ ଠିକ୍ ଉତ୍ତୁଙ୍ଗଶିଖର ହିମାଳୟ ପରି। ବାପୁ ଗୁଳିବିଦ୍ଧ ହୋଇ ପ୍ରାଣ ବିସର୍ଜନ କରିଛନ୍ତି ଏ ସମ୍ବାଦ ରଷୀକେଶରେ ଯାଇ ସ୍ତବ୍ଧ ହୋଇଯାଇଥିଲେ ହୀରାବେନ। ଅଥଚ ଗାନ୍ଧୀଙ୍କ ଅନ୍ତିମ ଦର୍ଶନ କରିବାପାଇଁ ସେ ଆସିନାହାନ୍ତି। ଗାନ୍ଧିଜୀ ତାଙ୍କୁ କହିଥିଲେ 'ଈଶ୍ୱରଙ୍କ ଉପରେ ଭରସା ରଖିବୁ ତ ଯେଉଠି ଅଛୁ ସେଇଠି ଥିବୁ। ଶେଷ ସାକ୍ଷାତକାରର କିଛି ଅର୍ଥ ନାହିଁ। ଯେଉଁ ଅନ୍ତରାତ୍ମାକୁ ତୁ ଭଲପାଉ ତାହା ତୋ ନିକଟରେ ସର୍ବଦା ଉପସ୍ଥିତ। ବାସ୍ତବିକ ଗାନ୍ଧୀଙ୍କ ଅନ୍ତରାତ୍ମାର ଜ୍ୟୋତି ସେଦିନଠାରୁ ଆଜି ପର୍ଯ୍ୟନ୍ତ ଅମଳିନ ହୋଇ ରହିଛି ଓ ସେହିପରି ଅମ୍ଳାନ ରହିବ ଶତାବ୍ଦୀ ଶତାବ୍ଦୀ ବ୍ୟାପୀ।

ସ୍ୱାଧୀନ ଭାରତବର୍ଷରେ ବ୍ୟାପିଥିବା ସକଳ ଅଶାନ୍ତି, ଅସହିଷ୍ଣୁତା, ଅମାନବିକତା ସତ୍ତ୍ୱେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ମଣିଷ ପ୍ରତି ମଣିଷର ସହୃଦୟତା ହିଁ ସମଗ୍ର ଭାରତକୁ ତଥାପି ଗୋଟିଏ ସୂତ୍ରରେ ବାନ୍ଧି ରଖିପାରିଛି। ଆଉ ସେଇ ସୂତ୍ରର ଗୋଟିଏ ମହନୀୟ ନାମ ହେଉଛି ମହାତ୍ମାଗାନ୍ଧୀ।। ଯିଏ ଏକ ସୁନ୍ଦର ଭାରତବର୍ଷର ପରିକଳ୍ପନା କରିବ, ଏକ ସୁନ୍ଦରରେ ପୃଥିବୀର ସ୍ୱପ୍ନରେ ଯିଏ ବି ଅଧୀର ହେବ ତାର ହୃଦୟକୁ ଗାନ୍ଧୀ ବିବେକ ସ୍ପନ୍ଦିତ କରିବ ନିଶ୍ଚିତ ଭାବରେ। ଘୃଣା ନୁହେଁ ପ୍ରେମ। ସଂକୀର୍ଣ୍ଣତା ନୁହେଁ ବିଶାଳତା, ବିଦ୍ୱେଷ ନୁହେଁ ଆତ୍ମୀୟତା ହିଁ ଆମ ଜୀବନର ଆଭିମୁଖ୍ୟ। ଏ ସତ୍ୟ ଯାହା ଅନ୍ତରକୁ ଦ୍ରବୀଭୂତ କରିବ ସେଥିରେ ଗାନ୍ଧୀଙ୍କ ପ୍ରତିଚ୍ଛବି ହିଁ ପ୍ରତିଭାତ ହେବ ନିଶ୍ଚିତ ଭାବରେ।

ଗ୍ରୀଷ୍ମକାଳ ଆସିଲେ କେତେ ନଦୀମାନେ ଶୁଷ୍କ ହୋଇଯାଆନ୍ତି। କିନ୍ତୁ ପ୍ରଚଣ୍ଡ ଉତ୍ତାପରେ ବି ଗଙ୍ଗାର ଅମୃତଧାରା ଶୁଖିଯାଏ ନାହିଁ। କାରଣ ତାର ଉତ୍ସ ରହିଛି ହିମାଳୟରେ। ସେଇପରି ଯେଉଁ ହୃଦୟରୁ ଆନ୍ତରିକ ପ୍ରାର୍ଥନାର ନିର୍ଝରିଣୀ ପ୍ରବାହିତ ହୁଏ ତାହା କେବେ ଶୁଷ୍କ ହୁଏ ନାହିଁ, କାରଣ ତାର ବି ଉତ୍ସ ବିଦ୍ୟମାନ ଊର୍ଦ୍ଧ୍ୱ ଜଗତର ଶାଶ୍ୱତ ସତ୍ତା ନିକଟରେ। ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ସଂଧ୍ୟାରେ ଗାନ୍ଧୀଜୀଙ୍କ ହୃଦୟ ନିସ୍ପନ୍ଦ ହୋଇଗଲା ବୋଲି ଆମେ ଜାଣୁ। କିନ୍ତୁ ସେ ମହତ ହୃଦୟ ନିସ୍ପନ୍ଦ ହେବା ଅସମ୍ଭବ । ଆଜି ବି ସାରା ଭାରତବର୍ଷ ପାଇଁ ସାରା ମାନବ ଜାତି ପାଇଁ ସେ ହୃଦୟ ନିରନ୍ତର ପ୍ରାର୍ଥନାରତ।

ଗାନ୍ଧୀଜୀଙ୍କ ଦେହାବସାନ ଦିବସଟିକୁ ଆମେ ତାଙ୍କର ମୃତ୍ୟୁ ଦିବସ ରୂପେ ନୁହେଁ, ତାଙ୍କର ଅମରତ୍ୱ ପ୍ରତିପାଦନ କରିବାର ଦିବସ ରୂପେ ହିଁ ପାଳନ କରୁ। ଆଜି ବି କେହି ଯଦି ନୀରବରେ କାନପାତି ଶୁଣିବାକୁ ଚାହେଁ, ସେ ମହାତ୍ମାଙ୍କ ଅମରବାଣୀ ପବନର ହିଲ୍ଲୋଳରେ ଝଂକୃତ ହେଉଥିବାର ଶୁଣିବାକୁ ପାଇବ ନିଶ୍ଚୟ। ଦିଲ୍ଲୀର ଯେଉଁ ସଂଗ୍ରହାଳୟରେ ତାଙ୍କର ରକ୍ତ ରଂଜିତ ଖଦଡ଼ ଲୁଗା ସଂରକ୍ଷିତ, ସେଇଠୁବି ଶୁଭେ 'ହେ ରାମ, ହେ ରାମ !! ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି କି ପବିତ୍ର ସମାଧିସ୍ଥଳ ଦର୍ଶନ କରିବାମାତ୍ରକେ ଶୁଭିଯାଏ ତାଙ୍କ ପ୍ରିୟ ଭଜନର ସ୍ୱର। ଭାରତର ଆକାଶ ପବନରେ ସର୍ବତ୍ର ଭରି ରହିଛି ଗାନ୍ଧୀ ଆତ୍ମାର ସଂଗୀତ। ଏହାକୁ ଅନୁଭବ କରିବା ପାଇଁ ଯିଏ ନିଜ ଅନ୍ତରକୁ ଉନ୍ମୁକ୍ତ ... ତାରି ଭିତରକୁ ତାଙ୍କ ହୃଦୟର ମହତ୍‌ଭାବ ସକଳ ଅନାୟାସାରେ ପ୍ରବେଶ କରିବ। ଖାଲି ଦରକାର ଟିକିଏ ଆନ୍ତରିକତା, ଦରକାର ଧ୍ୟାନସ୍ଥ ହୋଇଯିବାର ବିମୁଗ୍ଧ ଭାବ ଟିକିଏ। ପ୍ରେମର ମହାନୁଭବରେ ସମସ୍ତଙ୍କୁ କୋଳାଗ୍ରତ କରି ରଖିବାପାଇଁ ଆଜି ବି ଗାନ୍ଧୀ ହୃଦୟ ବ୍ୟାକୁଳ। ଆମ ଭିତରେ ସାମାନ୍ୟ ବ୍ୟାକୁଳତା ଜନ୍ମନେଲେ ତାଙ୍କର ପ୍ରାଣବନ୍ତ ସତ୍ତାକୁ ଆମେ ଅନୁଭବ କରିପାରିବା ମର୍ମେ ମର୍ମେ। ଏହା ଅବାସ୍ତବ କଳ୍ପନା ମାତ୍ର ବୋଲି କେହି ଯେପରି ମନେ ନକରନ୍ତି। ଧ୍ୟାନସ୍ଥ ମନ ମଧ୍ୟକୁ ଗାନ୍ଧୀ ଆତ୍ମାର ତେଜ କିପରି ଅବତରଣ କରିପାରେ ତାହା ଏକ ସୂକ୍ଷ୍ମ ଅନୁଭୂତି ଯାହା ପ୍ରତିଟି ଗ୍ରହଣଶୀଳ ମଣିଷ ଉପଲବ୍ଧି କରିପାରିବେ ନିଜ ଜୀବନରେ। ଗାନ୍ଧୀଜୀଙ୍କ ଦିବ୍ୟ ଉପସ୍ଥିତି ଏକ ନିରାଟ ବାସ୍ତବତା।

ଗାନ୍ଧୀଜୀଙ୍କ ଦେହବସାନ ପରେ ପଣ୍ଡିତ ନେହେରୁ ଆକାଶବାଣୀରେ ବାଷ୍ପରୁଦ୍ଧ କଣ୍ଠରେ କହିଥିଲେ - 'ଯେଉଁ ଆଲୋକ ଏତେବର୍ଷ ଧରି ଏ ଦେଶକୁ ଆଲୋକିତ କରି ରଖିଥିଲା, ତାହା ସାଧାରଣ ନୁହେଁ। ହଜାର ବର୍ଷ ପରେମଧ୍ୟ ଏ ଦେଶରେ ସେ ଆଲୋକ ଦିଶୁଥିବ।' ଆଉ ସରୋଜିନୀ ନାଇଡୁ କହିଥିଲେ- 'ହେ ପିତା ତୁମେ ବିଶ୍ରାମ ଗ୍ରହଣ କର ନାହିଁ। ଆମେ ଯେଉଁ ପ୍ରତିଜ୍ଞା କରିଛେ, ତାହା ପୂରଣ କରିବାପାଇଁ ଆମକୁ ଶକ୍ତି ଯୋଗାଉଥାଅ।'

ବାସ୍ତବିକ ବାପୁଜୀଙ୍କ ଆତ୍ମା ବିଶ୍ରାମ ଗ୍ରହଣ କରିବାର ପ୍ରଶ୍ନ ଉଠୁନହିଁ। ସେଇ ଅମର ଆତ୍ମା ଅବିଶ୍ରାନ୍ତ ଭାବରେ ଆମ ଉଦ୍ଦେଶ୍ୟରେ ପ୍ରେରଣ କରି ଚାଲିଛି ମହନୀୟ ଶକ୍ତିର ତରଙ୍ଗ। ମରଣଜୟୀ ମହାତ୍ମାଙ୍କ ସୂକ୍ଷ୍ମସତ୍ତା ଚେତନାର ବିଶାଳ ରାଜ୍ୟରେ ଆଉ ଶୁଭକାମୀ ଶାନ୍ତିକାମୀ ମଣିଷର ଅନ୍ତର୍ଚେତନାର ରହିଛି ସଦା ଜାଗ୍ରତ ଓ ମହିମାଦୀପ୍ତ।

♥ ପ୍ରାଧ୍ୟାପକ, ଭିଜିଟିଂ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର,ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

# ଓଡ଼ିଆ ଭାଷା- ଆମ ଜାତି ଅସ୍ମିତାର ପରିଚୟ

ଦୁର୍ଗା ଚରଣ ଷଡ଼ଙ୍ଗୀ



ଭାଷା ଗୋଟିଏ ସମୁନ୍ନତ ଜାତିର ପ୍ରାଣ- ଐକ୍ୟ ଓ ପରିଚୟ । ଭାଷା ବିନା ଜାତି ଏକତା, ତାର ସଂସ୍କୃତି, ସଭ୍ୟତା, ପରମ୍ପରା ତିଷ୍ଠି ରହି ପାରିବ ନାହିଁ । ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ ସେ ଜାତି ସେତେ ଗୌରବଶାଳୀ । ଭାଷାର ଶିଷ୍ଟତା, ଶ୍ରେଷ୍ଠତ୍ୱ ପ୍ରତିପାଦନ ହୁଏ ସେ ଜାତି ସାହିତ୍ୟକୁ ନେଇ । ସାହିତ୍ୟ-ସଂସ୍କୃତି ଓ ପରମ୍ପରା ଉପରେ ଭାଷାର ପ୍ରଲେପ ଲାଗିଲେ ସେ ବେଲୁଁ ବେଳ ପରିଚ୍ଛନ୍ନ ଓ ସୁଦୂର ପ୍ରସାରୀ ହୋଇଯାଏ। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ସମଗ୍ର ଭାରତ ବର୍ଷରେ ଭାଷା ଭିତ୍ତିକ ଉନ୍ନତ ଜାତି ଭାବରେ ଆମ ରାଜ୍ୟ ଓଡ଼ିଶାକୁ ବାଦ୍ ଦିଆଯାଇ ପାରିବ ନାହିଁ । ଭାଷାକୁ ନେଇ ସମାଜ ଓ ସାହିତ୍ୟର ସୃଷ୍ଟି । ସାହିତ୍ୟରୁ ସଂସ୍କୃତି ହିଁ ଉଦ୍‌ଭବ ହୋଇ ଜାତିକୁ ପଥପ୍ରଦର୍ଶନ କରେ । ସାହିତ୍ୟ- ଯେଉଁ ଜାତିର ଯେତେ ଉନ୍ନତ ସେ ଜାତିର ଗାରିମା ସର୍ବଦା ମହିମାମୟ । ସାହିତ୍ୟ ଗୋଟେ ସମୃଦ୍ଧ ଜାତିର ମୁହଁ ଦର୍ପଣ। ସାହିତ୍ୟ ପରିଚ୍ଛନ୍ନ ଓ ମନୋମୟ ହେଲେ ଭାଷା ଆହୁରି ସୁସଂହତ ହୋଇ ଭବିଷ୍ୟ କାଳକୁ ଅତିକ୍ରମଣ କରିବାରେ ସମର୍ଥ ହେବ। ସାହିତ୍ୟର ସଂଜ୍ଞା ନିରୂପଣ କଲେ ଆମକୁ ବୋଧହୁଏ ଯେ- ଜୀବନ ଓ ସୌନ୍ଦର୍ଯ୍ୟର ଫେଣ୍ଟା ଫେଣ୍ଟି ନିଷ୍କର୍ଷ ହିଁ ସାହିତ୍ୟ। ସାହିତ୍ୟ ସର୍ବଦା ବିସ୍ତାରିତ ଏକ ଉଦ୍‌ଗମ। ନଈ ପରି ଛଳଛଳ- ଝରଣାର ଜଳଠାରୁ ସୁଶୀତଳ ଏକ ପ୍ରବାହମାନ ଧାରା ଯାହା ପୁରାତନ ଓ ବର୍ତ୍ତମାନର ଘଟଣାକ୍ରମକୁ ନିବିଡ଼ ଭାବରେ ବାନ୍ଧି ରଖେ ।

ସାହିତ୍ୟ ସେତେବେଳେ କାଳଜୟୀ ହୋଇଯାଏ, ଯେତେବେଳେ ସାହିତ୍ୟ ସାଧକର ସର୍ଜନାର ଦିଗ ଗୁଡ଼ିକ ପ୍ରଭାବିତ ହୁଏ ଦେଶ-କାଳ-ପାତ୍ରକୁ ନେଇ। ସାଧକର ନିଷ୍ଠା- ଅନ୍ତର୍ଦୃଷ୍ଟି ଓ ସମସାମୟିକ କାଳ ଖଣ୍ଡର ଘଟଣାବଳୀ ଗୁଡ଼ିକ ଯେତେବେଳେ ତା'ର ମାନସପଟ୍ଟକୁ ରୋମନ୍ଥିତ କରନ୍ତି ସେତିକି ବେଳେ ସୃଷ୍ଟ ସେଇ ସାହିତ୍ୟ ପ୍ରଭାବଶାଳୀ ହୋଇ କାଳାତିକ୍ରମଣ କରେ। ଭାବ-ଅନୁଭବ, ଭାଷା ଗୁମ୍ଫନ ଓ ପ୍ରକାଶ କରିବାର ଶୈଳୀ ହିଁ ସାହିତ୍ୟକୁ ଉନ୍ନତ ସାହିତ୍ୟର ସୃଷ୍ଟିର ମର୍ଯ୍ୟାଦା ପ୍ରଦାନ କରେ । ଯାହା ଅତୀତରୁ ଏଯାଏଁ ଆମ ସାହିତ୍ୟରେ ଘଟି ଆସିଛି । ପୁରାଣ ଠାରୁ ମନବୋଧ ଚୌତିଶା, ସାରଳା ଦାସଙ୍କ ମହାଭାରତ ଠାରୁ ଲକ୍ଷ୍ମୀପୁରାଣ, ପଞ୍ଚସଖାଙ୍କ ସନ୍ଥାଶ୍ରୟୀ ପଦାବଳୀଠୁଁ ଫକୀରମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ କି ଆଧୁନିକ ସବୁଜ କବିତା ଠାରୁ ରାଧାମୋହନ, ମାନସିଂହ କି ରମାକାନ୍ତ ରଥ, ମନୋଜ ଦାସଙ୍କ ଆତ୍ମଦୈବିକ ଚେତନା ନିଷ୍କର୍ଷ ଭାବ ସାହିତ୍ୟ ଅଥବା ଚନ୍ଦ୍ରଶେଖର- ମହାପାତ୍ର ନୀଳମଣିଙ୍କ ଚେତନା ପ୍ରସୂତ ସମୃଦ୍ଧ ସାହିତ୍ୟର ରାଶି ରାଶି କାବ୍ୟ କବିତା ଉପନ୍ୟାସ ଆଦି ବିଂଶ ଶତାବ୍ଦୀର ସାହିତ୍ୟ ଦରବାରକୁ ଯେ ମହିମାମଣ୍ଡିତ କରି ପାରିଛି, ଏହା ଆମ ପାଇଁ କମ୍ ଗୌରବର କଥା ନୁହେଁ । ମାତ୍ର ଏକବିଂଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଆ ସାହିତ୍ୟ ସାଧକର ନିଷ୍ଠା- ଦୃଷ୍ଟିଭଙ୍ଗୀ ଓ ଜାତି ମନସ୍କତା ହିଁ ବାଧକ ସାଜିଛି । ସେସବୁକୁ ପ୍ରତିରୋଧ କରିପାରି ଆନ୍ତରିକ ଆଗ୍ରହ ସହିତ ସାଧକଟି ଜାତି ସାହିତ୍ୟ ମନସ୍କ ହେଲେ କଥିତ ଅପବାଦ ଆଉ ଶୁଣିବାକୁ ମିଳିବ ନାହିଁ। ବଳିଷ୍ଠ ସାହିତ୍ୟ ସର୍ଜନାର ପଥରୋଧ ହୋଇଗଲେ ଭାଷା ଉପରେ ତାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ ଏବଂ ଆମେ ସଂଶୟ ପ୍ରକଟ କରୁଥିବା ବିଶ୍ୱାସ ଯେ 'ଓଡ଼ିଆ ଭାଷାର ଅବକ୍ଷୟ ହୋଇଯିବ' ଏହା ଅମୂଳକ ମନେ ହେବ ନାହିଁ । ଜାତିର ଭାଷା ଜଣେ ନିଷ୍ଠାବାନ ସାହିତ୍ୟ ସାଧକର ପୁଂଜି ଓ ତାର ଅନୁଭବ ଦୃଷ୍ଟିଭଙ୍ଗୀ ହିଁ ଜାତି ସାହିତ୍ୟକୁ ଯେ ଆଗେଇ ନେବାରେ ସମର୍ଥ ହେବ ଏପରି ସ୍ୱାଭିମାନ ସେହି ସାଧକର ରହିବା ସର୍ବଦା ବାଞ୍ଛନୀୟ ଅଟେ ।

ସାହିତ୍ୟରେ ଭାଷା ପ୍ରୟୋଗ ଯେତିକି ବିସ୍ତୃତ ସେହିଭଳି ଭାଷାର ଲିଖନ-ପଠନ - ବାକ୍ କଥନ ଓ ତାହାର ପ୍ରଚାର ପ୍ରସାର ହେବାର ବହୁଳତା ମଧ ଭାଷାକୁ ସମୃଦ୍ଧ ଓ ବ୍ୟବସ୍ଥିତ କରାଇବାରେ ବିଶ୍ୱାସ ରଖେ । ଭାଷା ମରେ ନାହିଁ କେବେ ! ଯଦି ଭାଷାର ମୌଳିକତା ନାହିଁ ଏବଂ ସେ ଭାଷା ଅନ୍ୟ କେଉଁ ଭାଷାର ଉଦ୍‌ଗମ ସେ କ୍ଷେତ୍ରରେ ଜାତି ନିଷ୍ପ୍ରାଣ ହେବା ସହିତ ସେ ଭାଷା ମଧ ମରିଯାଏ । ଅବଶ୍ୟ ପୃଥିବୀରେ ଏଭଳି କେତେକ ଘଟଣା ଘଟିଛି ଓ ସେ ଜାତି ସହିତ ତା' ଭାଷା ମଧ ମରିଛି । ମାତ୍ର ଆମ ଭାଷା ସୁପ୍ରାଚୀନ କେଉଁ କାଳରୁ । ଏକ ଦମ୍ଭ ପିଣ୍ଡି ଉପରେ ଆମର ଭାଷା ବୈଭବ ଗଢ଼ି ଉଠିଛି। ଏହା ଏକ ମୌଳିକ ଓ ଶାସ୍ତ୍ରୀୟ ଭାଷା, ଯାହାର କେହି ଗତରୋଧ କରିବା ସମ୍ଭବପର ନୁହେଁ । ବନବାସୀର ଭାଷାଠୁ ଆଞ୍ଚଳିକ ଭାଷା ପର୍ଯ୍ୟନ୍ତ ସମସ୍ତ କଥିତ ଉପଜୀବ୍ୟ ଭାଷାମାନ ଗୋଟିଏ ସମ୍ଭ୍ରାନ୍ତ- ସଂସ୍କୃତ ସଂପୂର୍ଣ୍ଣ ଓ ଭାଗବତୀୟ ପରମ୍ପରାର ମୂଳ ଆଧାର ଉପରେ ପ୍ରତିଷ୍ଠିତ । ଏହି ଓଡ଼ିଆ ଭାଷାର ଶବ୍ଦ ପୁଂଜ ଲକ୍ଷାଧିକ ଓ ସୁସଂହତ ଐକ୍ୟ ଉପରେ ଏହା ବିରାଜମାନ । ଯେ ଯାବତ୍ ବୈଦିକ ପରମ୍ପରା- ଭାଗବତୀୟ ଆଦର୍ଶ ଏ ରାଜ୍ୟରେ ପ୍ରଚଳିତ ଥିବ ସେ ଯାବତ୍ ଓଡ଼ିଆ ଭାଷାର ଅବକ୍ଷୟ ହେବାର ସଂଶୟ ଅମୂଳକ ଅଟେ । ଅବଶ୍ୟ ଭାଷା ଭାବନା ପ୍ରତ୍ୟେକ ଜାତି ନାଗରିକର ରହିବା ବାଞ୍ଛନୀୟ । ସେ ପାଇଁ ପ୍ରାୟ ଶହେ ବର୍ଷ ପରେ ଆମର ଏବର ସରକାର

> ଏକ ଦମ୍ଭ ପିଣ୍ଡି ଉପରେ ଆମର ଭାଷା ବୈଭବ ଗଢ଼ି ଉଠିଛି। ଏହା ଏକ ମୌଳିକ ଓ ଶାସ୍ତ୍ରୀୟ୍ ଭାଷା, ଯାହାର କେହି ଗତରୋଧ କରିବା ସମ୍ଭବପର ନୁହେଁ । ବନବାସୀର ଭାଷାଠୁ ଆଞ୍ଚଳିକ ଭାଷା ପର୍ଯ୍ୟନ୍ତ ସମସ୍ତ କଥିତ ଉପଜୀବ୍ୟ ଭାଷାମାନ ଗୋଟିଏ ସମ୍ଭ୍ରାନ୍ତ- ସଂସ୍କୃତ ସଂପୂର୍ଣ୍ଣ ଓ ଭାଗବତୀୟ୍ ପରମ୍ପରାର ମୂଳ ଆଧାର ଉପରେ ପ୍ରତିଷ୍ଠିତ। ଏହି ଓଡ଼ିଆ ଭାଷାର ଶବ୍ଦ ପୁଂଜ ଲକ୍ଷାଧିକ ଓ ସୁସଂହତ ଐକ୍ୟ ଉପରେ ଏହା ବିରାଜମାନ।

ସକାରାତ୍ମକ ଭାବେ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪' ପରି ଏକ ଆନ୍ଦୋଳନ ଆରମ୍ଭ କରି ତା'ର ପୂର୍ଣ୍ଣାଙ୍ଗତା ପାଇଁ ବହୁବିଧ ଆୟୋଜନ କରିଛନ୍ତି । ପ୍ରାଚୀନ ପୋଥି ସଂରକ୍ଷଣ- ଭାଷା ସଂରଚନା ପ୍ରୋତ୍ସାହନ, ଗ୍ରାମ, ବ୍ଲକ- ଅଞ୍ଚଳ, ଜିଲ୍ଲା- ରାଜଧାନୀ ପର୍ଯ୍ୟନ୍ତ ନାଗରିକ ମନରେ ପ୍ରାଣରେ ଭାଷା ବିଭାଜନ ପାଇଁ ଅନେକାନେକ ଖସଡ଼ାମାନ ପ୍ରସ୍ତୁତ କରି ତାହାର ପ୍ରଚାର-ପ୍ରସାର କରୁଛନ୍ତି, ଯାହା ଏକ ଆଦର୍ଶଗତ ବୈଶିଷ୍ଟ୍ୟ ଆମ ପାଇଁ । ତାହାର ଲାଭ ନେବାପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।

ଏହି ଭାଷା ସମ୍ମିଳନୀ ଆୟୋଜନଗତ ବିଚାର ବିମର୍ଶ ପର୍ବରେ ଗୋଟିଏ ଅଧିବେଶନରେ ଏହି ଲେଖକଟି ସାମିଲ ହେବାକୁ ସୁଯୋଗ ପାଇ ଥିଲା । ଆଲେଖ୍ୟ ବିଷୟ ଥିଲା- ଭାଷା ସମୃଦ୍ଧି ପାଇଁ ବୁଦ୍ଧିଜୀବୀର ତଥ୍ୟ ଓ ତତ୍ତ୍ୱ । ସେଥିରେ ଏହି ଲେଖକର ପ୍ରସ୍ତାବିତ ଉତ୍ତର ଥିଲା ଯେ- ଏହି ସମୃଦ୍ଧ ଆମ ଓଡ଼ିଆ ଭାଷାର ସ୍ଥିତାବସ୍ଥାର ଦୃଢ଼ତା ପାଇଁ (୧) ଗ୍ରାମୀଣ କଥିତ ଭାଷାକୁ ବହୁଳ ଭାବେ ସଂରକ୍ଷଣ କରିବାକୁ ହେବ । (୨) ବିଦ୍ୟାର୍ଥୀଙ୍କ ସହିତ ପାଠ୍ୟକ୍ରମରେ ବିଷୟ ଅଧ୍ୟୟନ ପାଇଁ ଚୟନ ପ୍ରକ୍ରିୟାକୁ ଏକ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ କରିବାକୁ ହେବ । ସେହି ବିଷୟ ସୂଚୀ ଗୁଡ଼ିକ ସାଂପ୍ରତିକ କାଳକୁ କିଭଳି ବିଦ୍ୟାର୍ଥୀଙ୍କୁ ଲାଭ ଦେବ, ସେମାନଙ୍କ ମାନସିକତା ଓ ବୃତ୍ତିରେ ଯାହା ଦେଖିବାକୁ ହେବ। (୩) ସାହିତ୍ୟ ଅଧ୍ୟାପନା ବୃତ୍ତିରେ ଥିବା ଶିକ୍ଷକଟିର ସାହିତ୍ୟ- ଭାଷା- ବ୍ୟାକରଣ ଆଦି ଦିଗ ଉପରେ ଜ୍ଞାନଶୀଳ କି ? ତାହା ଚୟନ କରାଯାଇ ଶିକ୍ଷକ ନିଯୁକ୍ତି କରାଯାଉ ଏବଂ ୪ର୍ଥଟି ଥିଲା ସରକାରଙ୍କ ପକ୍ଷରୁ ଶିଶୁଲେଖା-ଉତ୍କଳ ପ୍ରସଙ୍ଗ ଭଳି କେତେକ ଉପାଦେୟ ପୁସ୍ତକ ସ୍ୱଳ୍ପ ମୂଲ୍ୟରେ ଯେଭଳି ଯୋଗାଇ ଦିଆଯାଉଅଛି ସେଭଳି ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ରୂପେ ଶିକ୍ଷିତ୍ ନ ହୋଇଥିବା ଲକ୍ଷାଧିକ ଓଡ଼ିଆ ଭାଷୀ ନାଗରିକଙ୍କୁ ସ୍ୱଳ୍ପ ମୂଲ୍ୟ କିମ୍ବା ମାଗଣାରେ ମଧୁ ବର୍ଣ୍ଣବୋଧ, ଛବି ବହି ଆଦି ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ । ତାହେଲେ ଭାଷା- ସାହିତ୍ୟ ମାଧମରେ ପ୍ରସରି ଯିବାରେ ବିଶେଷ ଭାବେ ସହାୟକ ହେବ । ପୂର୍ବସୂରୀ ଗଣଙ୍କର ଆସ୍ଥା- ନିଷ୍ଠା- ସାଧନା ଓ ସମର୍ପିତାର ଔଜ୍ଜ୍ୱଲ୍ୟ ପ୍ରକଟିତ ହେଉ । ଭାଷା ବଞ୍ଚିଲେ ଜାତି ବଞ୍ଚିବ । ଜାତି ବଞ୍ଚିଲେ ନାଗରିକର ଅନ୍ତଦୃଷ୍ଟି ପରିଚ୍ଛନ ହେବ, ସେ ବିଜ୍ଞାନୀ ହେବ ।

♥ ଭୁବନେଶ୍ୱର
(ମୋ) ୯୪୩୮୫୩୫୫୭୭

## ଚେତନାର ଦର୍ପଣ - ୧୬

# ସମସ୍ୟା

❤ ଲଳିତ ମୋହନ ମିଶ୍ର



ସମସ୍ୟା ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନର । ଏହା ବ୍ୟକ୍ତି ଜୀବନର ଏକ ଅଂଶ । ସମସ୍ୟା ବିହୀନ ଜୀବନ ଏକ ଅସମ୍ପୂର୍ଣ୍ଣ ଜୀବନ, କାରଣ ସମସ୍ୟା ହିଁ ଆମକୁ ଅନେକ ଅଭିଜ୍ଞତା ଯୋଗାଏ। ସୂର୍ଯ୍ୟକିରଣ ଓ ଛାୟା ଭଳି ଜୀବନରେ କେତେବେଳେ ଅଧିକ ଦୁଃଖ ତ କେତେବେଳେ ଅଧିକ ସୁଖ । ଜୀବନରେ ଯେତେ ଅଧିକ ସମସ୍ୟା ରହିବ, ସେତେ ଶୀଘ୍ର ସଫଳତା ପାଦକୁ ସ୍ପର୍ଶ କରିବ । ବିନା ସମସ୍ୟାରେ ଜୀବନର ମାନେ କିଛି ନାହିଁ। ସମସ୍ୟା କାହିଁକି ଦେଖାଦିଏ ? ଆମେ ସମସ୍ୟାକୁ କିପରି ହ୍ରାସ କରିପାରିବା ? ଏହି ସବୁ ପ୍ରଶ୍ନର ସମାଧାନ କଲାବେଳେ ଆମକୁ ଆଧ୍ୟାତ୍ମିକ ପରିବେଶ ଦରକାର । ଅତ୍ୟଧିକ ଚିନ୍ତା କରିବା, ଅତ୍ୟଧିକ ସ୍ମୃତି ଏବଂ ଅତ୍ୟଧିକ କଳ୍ପନା ଏହି ତିନୋଟି କାରଣ ସମସ୍ୟା ସୃଷ୍ଟି କରେ । ଶରୀର, ମନ ଏବଂ ବଚନର ଉପଯୁକ୍ତ ବ୍ୟବହାର କରିବା ଉଚିତ୍ । ଯଦି ଏହା ନହୁଏ, ତେବେ ସେମାନେ ଅକାମୀ ହୋଇଯିବେ। ଯଦି ଏହାକୁ ଅଧିକ ବ୍ୟବହାର କରାଯାଏ, ତେବେ ଏହା ସମସ୍ୟା ସୃଷ୍ଟି କରିବ। ଏହି ସମସ୍ୟାର କାରଣ ବ୍ୟକ୍ତି ନିଜେ । ସେ ଔଷଧ ଦ୍ୱାରା ଦୁନିଆ ବାହାରେ ଏହାର ସମାଧାନ ଖୋଜୁଛନ୍ତି । ଏହି ସମସ୍ୟା ବ୍ୟକ୍ତିକୁ ଅଶାନ୍ତ କରିଥାଏ । ସମସ୍ୟା ଜୀବନର ଏକ ଅବଶ୍ୟମ୍ଭାବୀ ଅବସ୍ଥା। ସୁତରାଂ ସମସ୍ୟା ଯଦି ଜୀବନର ଅବିଚ୍ଛେଦ୍ୟ ଅଙ୍ଗ, ତା' ହେଲେ ସମସ୍ୟାକୁ ମାନସିକ ସ୍ତରରେ ଆପଣେଇବାକୁ ପଡ଼ିବ। ଏଠାରେ ଏକ ସନ୍ତୁଳିତ ଜୀବନଶୈଳୀର ଆବଶ୍ୟକତା । ଜୀବନଶୈଳୀର ଶୁଭ ମୁହୂର୍ତ୍ତରେ ଆମ ମନ ଉଦୀୟମାନ ସୂର୍ଯ୍ୟଙ୍କ ପରି ସତେଜ ରହିବା ଉଚିତ୍। କାରଣ ନିରାଶା, ଭୟଭୀତ, ସନ୍ଦେହୀମନ, ଅଧୁରା ହୃଦୟ ଏବଂ ମନ ସମସ୍ୟାର ଜନକ ଅଟେ । ଯଦି ଆମର ବିଶ୍ୱାସ, ସାହସ, ଉତ୍ସାହ ଓ ଦୃଢ଼ ମନ, ତେବେ ଦୁନିଆର କୌଣସି ଶକ୍ତି ଆମକୁ ନିଜ ମାର୍ଗରୁ ବିଚ୍ୟୁତ କରିପାରିବ ନାହିଁ । ଏହା ମଧ୍ୟ ସଫଳତାର ମାର୍ଗ । ବ୍ୟକ୍ତିର ଉନ୍ନତ ପ୍ରୟାସ ସୌଭାଗ୍ୟରେ ପରିଣତ ହୋଇଥାଏ । ଔଷଧ ହେଉଛି ରୋଗର ସମାଧାନ, କିନ୍ତୁ ସଠିକ୍ ସମାଧାନ ନୁହେଁ । ଏହାର ପ୍ରଥମ ସମାଧାନ ଭିତରୁ ଖୋଜିବାକୁ ପଡ଼ିବ। ଜଣେ ବ୍ୟକ୍ତି ଔଷଧ ବଳରେ ସୁସ୍ଥ ରହିଥାଏ ନା... ତା'ର ମାନସିକ ଶକ୍ତି ସକାରାତ୍ମକ ଚିନ୍ତାଧାରା ବଳରେ ? ସକାରାତ୍ମକ ମନୋଭାବ ଆମର ଅନେକ ରୋଗର ସମାଧାନ । ନକାରାତ୍ମକ ଭାବନା ଆମ ରୋଗର କାରଣ । ସମସ୍ୟା ସହ ଲଢିବାର ନକାରାତ୍ମକ ଭାବନା ଆମ ବ୍ୟବସ୍ଥାକୁ ଦୁର୍ବଳ କରିଦିଏ । ସବୁ ସମସ୍ୟାର ଆରମ୍ଭ ଅତି କ୍ଷୁଦ୍ର ବିଷୟରୁ ଆମେ ଭଲ ଭାବେ ଜାଣୁ ଯେ 'ଝିମିଟି ଖେଳରୁ ମହାଭାରତ' ପରି ପ୍ରତ୍ୟେକ ସମସ୍ୟାର ଉତ୍ସ ଅତ୍ୟନ୍ତ ନଗଣ୍ୟ। ଅତ୍ୟନ୍ତ ସୀମିତ ଏହାର ଶକ୍ତି। ଅନେକ ପାରିବାରିକ ସମସ୍ୟା ସମାଧାନ ପାଇଁ ସାମାନ୍ୟ ମାନସିକ ପ୍ରସ୍ତୁତିର ପ୍ରୟୋଜନ। ସୁସ୍ଥ ରହିବାକୁ ଚାହୁଁଥିବା ବ୍ୟକ୍ତି ଅତ୍ୟଧିକ ଭାବନାଠାରୁ ଦୂରେଇ ରହିବା ଉଚିତ୍ । ବାରମ୍ବାର କ୍ରୋଧ, ଚିଡ଼ଚିଡ଼ାପଣ, ଖରାପ ମନୋଭାବ- ଏହି ସବୁ ଭାବନା ସମସ୍ୟା ସହ ଲଢ଼ିବାର କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିରେ ପୀଡ଼ିତ ବ୍ୟକ୍ତି ଖୁବ୍ ଶୀଘ୍ର ଅସୁସ୍ଥ ହୋଇପଡ଼ନ୍ତି । ସମସ୍ୟା ସମାଧାନ କରିବାର ଦକ୍ଷତା, ଆମର ଦୃଷ୍ଟିଭଙ୍ଗୀ, ଅଭିଜ୍ଞତା ଓ ବ୍ୟକ୍ତିତ୍ୱର ପ୍ରଭାବ ଉପରେ ବହୁ ପରିମାଣରେ ନିର୍ଭରଶୀଳ ।

❤ କୁରାଳ, ନୟାଗଡ,
(ମୋ) ୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

( ୧୪ )

### ଆଉ କେତୋଟି ଦୁର୍ଘଟଣା

**ପ୍ରତିଶୋଧ –**

ସେତେବେଳେ ( ୧୯୫୬-୧୯୬୦ )ମୁଁ ଜଳେଶ୍ୱର ହାଇସ୍କୁଲରେ ପଢୁଥିଲି ।

ବର୍ଷାଦିନ । ଗାଆଁର ପୂର୍ବପଟେ ଥିବା ' ବଡଖାଳ'ରେ ପାଣିଭର୍ତ୍ତି, ସୁଅବି ପ୍ରଖର । ତାକୁ ପାରିହେବା ପାଇଁ ଖାଳ ଭିତରେ ନିର୍ଦ୍ଦିଷ୍ଟ ଦୂରତ୍ୱରେ ସିଧାରେ କେତେକ ସ୍ଥାନରେ ବାଉଁଶ ଖୁଣ୍ଟମାନ ପୋତି ତା'ଉପରେ ଦୁଇଟି ଗୋଟିକିଆ ବାଉଁଶ (ଲୟରେ ବିଛାଯାଇଥିବା ବାଉଁଶରେ ଅଧିକ ଗୋଟିକିଆ ବାଉଁଶ ବି ଯୋଡାଯାଇଥାଏ ଆବଶ୍ୟକତା ଅନୁସାରେ) ଗୋଟିଏ ପାଖରୁ ଆରପାଖକୁ ବିଛାଇ ଦିଆଯାଇଥାଏ। ଚାଲିବାରେ ସୁବିଧା ଓ ନିରାପଦ ହେବବୋଲି ଏ ବାଉଁଶ ପୋଲର ପାଖେପାଖେ ଆଉ ଗୋଟିଏ ବାଉଁଶ ଏ ପାଖରୁ ସେ ପାଖକୁ ଖୁଣ୍ଟପୋତି ବାନ୍ଧିଦିଆ ଯାଇଥାଏ । ତାକୁ ଗୋଟିଏ ହାତରେ ଧରି ଜଣେ ଗୋଟିଏ ପାଖରୁ ଆର ପାଖକୁ ଯାଉଥାଏ। କିନ୍ତୁ ମୋ ଭଳି କମ୍ ବୟସର ପିଲାଙ୍କ ହାତ ସେ ବାଉଁଶକୁ ପାଏନାହିଁ। ତେଣୁ ବହିବେଗ୍ (କନାରେ ମାଆ ଘରେ ସିଲାଇ କରିଥାନ୍ତି )ସହ ସାବଧାନରେ ଆମକୁ ଖାଳ ପାରିହେବାକୁ ପଡୁଥାଏ । ସେତିକିବେଳେ ବର୍ଷା ହେଉଥିଲେ ବିପଦ ଆହୁରି ବଢିଯାଏ । ଛତାଖୋଲି (ଆମେ କହୁ 'ଛତା ଖାଞ୍ଚି' ) ଯିବା ସମ୍ଭବ ହୁଏନି । ବର୍ଷା ଛାଡିବାଯାଏ ଅପେକ୍ଷା କରିବାକୁ ହୁଏ, ନହେଲେ ଭିଜି ଭିଜି ଖାଳ ପାରିହେବାକୁ ପଡୁଥାଏ ।

ସେଦିନ ବି ମୁଁ ଓ ମୋର ଜଣେ ସହପାଠୀ ଖାଳ ପାରିହୋଇ ବଜାରଶୋଳ ନୌକା ଘାଟରେ ପହଞ୍ଚିଲୁ । ନୌକାରେ ଯାତ୍ରୀମାନେ ବସି ସାରିଥିଲେ । ସକାଳ ନଅଟାରେ ସେପାରିକୁ ଯାଉଥିବା ନୌକା ଛାଡିବା ପୂର୍ବରୁ ପାଠ ପଢିବାପାଇଁ ଯାଉଥିବା ପିଲାଙ୍କପାଇଁ କିଛିସମୟ ଅପେକ୍ଷା କରିବାର ଏକ ଅଲିଖିତ ବିଧି ଥିଲା। ସେଦିନ ବି ଆମର ସାମାନ୍ୟ ବିଳମ୍ବ ହୋଇଥିବାରୁ ଆମକୁ ଦେଖି କିଛିଲୋକ ଶୀଘ୍ର ନୌକାକୁ ଉଠିବାପାଇଁ ପାଟିକଲେ । ଆମେ ନୌକା ଓ ଗଙ୍ଗା ମା'ଙ୍କୁ ପ୍ରଣାମକରି ଉଠିବାମାତ୍ରେ ନୌକା ଛାଡିଦେଲେ ନାଉରିଆ ନିଆଁସୀ ବେହେରା । ସେ ଜଣେ ଦକ୍ଷ ନାଉରୀ। ସେତେବେଳର 'କଙ୍କଡା ଦାଢିଆ' ନୌକାକୁ ବାହିବା ଏତେ ସହଜ ନଥିଲା ସମସ୍ତଙ୍କ ପକ୍ଷରେ। ହଠାତ୍ କେତେଜଣ ସହଯାତ୍ରୀ ଆତଙ୍କରେ ଚିତ୍କାର କରି ଉଠିଲେ। କିଛି ସମୟପରେ ଜଣେ ସହଯାତ୍ରୀ ଆଉ ଜଣେ ସହଯାତ୍ରୀ ବ୍ରାହ୍ମଣଙ୍କ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶକଲେ । ସେ ଗୋଟିଏ ସାପକୁ ମୋଡିମାଡି ଡାହାଣ ହାତରେ ମୁଠାଇକି ଧରିଥାନ୍ତି। ସେ ସାପଟି ଏକ ବିଷାକ୍ତ ଗୋଖର ସାପବୋଲି ଜାଣି ଆମେ ଭୟଭୀତ ହୋଇ ପଡିଲୁ । କେତେଜଣ ଆତଙ୍କରେ ଚିତ୍କାର କଲେ ।

'କିସ ହେଲା' ବୋଲି ଅନ୍ୟମାନେ ପାଟିକଲେ ।

'ତାଙ୍କୁ କାହିଁକି ନୌକାରେ ଆଣିଲ ? ବୋଲି ପଚାରିଲେ ।

'ମୁଁ ତାର ମୁଖ ବନ୍ଧନକରି ଦେଇଛି । ସେ କାହାରି କିଛି କ୍ଷତି କରିବନି, ଡରନ୍ତୁନି । ନଦୀ ଆରପଟେ ପଦାରେ ଛାଡିଦେବି।' ମୋ ପାଖରେ 'ଗଦ' ଅଛି, ଯାହାର ଦରକାର ସେ ନିଅନ୍ତୁ , ସାପ କାମୁଡିଲେ ଦରକାରରେ ଆସିବ ।'

ଆପଣଙ୍କ ଘର କେଉଁଠି ?

'କଟକ ଜିଲ୍ଲାରେ, ସାପ ଧରିବା ପାଇଁ ଆସିଛି ।' ସମସ୍ତଙ୍କ ଭିତରେ ଗୁଞ୍ଜରଣ ଲାଗି ରହିଲା । କେତେଜଣ ତାଙ୍କଠୁ ଗଦ ନେଲେ । ଜାଣିଲୁ ଯେ ସେ ବଣବୁଦା ଓ ଗାତରୁ ସାପଧରି ତା' ବିଷ ସଂଗ୍ରହକରି ବିକ୍ରିକରନ୍ତି । ନୌକା ଆରପାଖରେ ଲାଗିଲା। ଆମେ ଉହ୍ଲାଇ ସ୍କୁଲକୁ ଗଲୁ । ସ୍କୁଲ ଛୁଟିପରେ ଆମେ ପୁଣି ନୌକାଘାଟରେ ପହଞ୍ଚିଲୁ ଉପରଓଳି ପାଞ୍ଚଟାରେ। କେତେଜଣ ଲୋକ ନୌକାକୁ ଅପେକ୍ଷା କରିଥାନ୍ତି। ଆର ପାଖରୁ ନୌକା ଆସିବାରେ ବିଳମ୍ବ ହେଉଥାଏ । ସେଇ ଲୋକମାନଙ୍କ ଆଲୋଚନାରୁ ଜାଣିଲୁଯେ ସକାଳା ଓଳି ଆମସହିତ ନଦୀ ପାର ହୋଇଥବା ସେ ବ୍ରାହ୍ମଣଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଛି ।

'କିମିତି ?' ଜଣେ ପଚାରିଲେ ।

ଗୋପ ପଦାରେ ସାପର ମୁଖ ବନ୍ଧନ ଖୋଲିଦେଇ ସେ ବ୍ରାହ୍ମଣ ସାପଟିକୁ ଛାଡିଦେଲେ। ତା'ପରେ ପରିସ୍ରା କରିବାକୁ ବସିଥିବାବେଳେ ସାପଟି ତାଙ୍କ ପିଠିରେ ଦୁଇ, ତିନିଥର ଚୋଟ ମାରିଲା । ' ଓଃ, ଆଃ' କରି ଲୋକଜଣକ ସେଇଠି ଗଡିବାକୁ ଲାଗିଲେ। ତାଙ୍କ ପାଟିରୁ ଗରଳ ବହିଲା, ଆଖି ନୀଳ ହୋଇଗଲା ଓ ଅଳ୍ପ ସମୟ ଭିତରେ ସେ ଅଚେତ ହୋଇଗଲେ। ସେତେବେଳେ ଏ ଅଞ୍ଚଳରେ ଥିବା ସରକାରୀ ଡାକ୍ତରଖାନାରେ ସାପ ବିଷ ହରଣପାଇଁ ଔଷଧ ମିଳୁ ନଥିଲା ।

ତାଙ୍କର ଜଣେ ସାଥୀ ଗୁଣିଆ ବଜାରଶୋଳ ଗ୍ରାମରେ ରହୁଥିଲେ । ତାଙ୍କୁ ଖବର ଦିଆଗଲା । ସେ ଆସି ଫୁଙ୍କାଝଡା କଲେ, ଗଦ ଖୁଆଇଲେ । ମାତ୍ର ସବୁ ନିଷ୍ଫଳ ହେଲା। ତାଙ୍କର ପ୍ରାଣବାୟୁ ଉଡିଗଲା। ସାପଧରି, ତା'ର ବିଷ ବାହାରକରି ଏବଂ ତାକୁ ଯନ୍ତ୍ରଣା ଦେଇଥିବାରୁ ସେ ଲୋକ ଉପରେ ସାପ ଭୟଙ୍କର ଭାବରେ ପ୍ରତିଶୋଧ ନେଲା। ନୌକା ଆସିଲା। ସେଇଥିରେ ନଦୀ ପାରହୋଇ ଘରେ ପହଞ୍ଚିଲି । ମୋ ମୁହଁରେ କଥା ନଥିଲା କି ହସ। ସହଳ ଖାଇଦେଇ ଶୋଇଗଲି ।

**୨) କାରଣ କଣ ? ସଭିଏଁ ନିରୁତ୍ତର...**

ଏବେ ଯେଉଁଠି ଶିଖରପୁର ଠାରେ ନଦୀରେ ସ୍ଥାୟୀ ପୋଲ ହୋଇଛି, ସେଇଠି ବେଲବାରିଆ ଓ ଚକହରି ଗ୍ରାମର ଲୋକେ ନଦୀରେ ଗାଧାଉଥିଲେ । ସବୁଦିନପରି ସେଦିନବି ବେଲବାରିଆ ଗ୍ରାମର ଜଣେ ବୟସ୍କା ପିଉସୀ ସହିତ ଜଣେ ସାତ, ଆଠ ବର୍ଷର ପୁତୁରା ଓ ସେ ପିଲାର ପଡିଶା ଘରର ଜଣେ ସାଙ୍ଗ ନଦୀକୁ ଗାଧୋଇବାକୁ ଗଲେ। ଘାଟ ପୂର୍ବରୁ ଜଣେ ପିଲା ଦୌଡି ଦୌଡି ଯାଇ ନଦୀକୁ ଡେଇଁ ପଡିଲା। ତା'ପଛେପଛେ ଆର ପିଲାଟି । ପିଉସୀର ଆକଟକୁ କେହି ମାନିଲେନି ।

ସମୟ ଆଗେଇଗଲା, କିନ୍ତୁ କେହି ଜଣେବି ପିଲା ପାଣିରୁ ବାହାରିଲେନି । ପିଉସୀ ବିକଳରେ ଜୋରରେ ସେମାନଙ୍କ ନାଆଁ ଧରି ଡାକିଲେ । କାନ୍ଦିକାନ୍ଦି ନଦୀରେ ଅଣ୍ଡାଳିଲେ। ସେ ପିଲାମାନଙ୍କ ଆତ୍ମୀୟ ସ୍ୱଜନ, ଗାଁ ଲୋକେ ଏବଂ ମାଛଧରାଳିମାନେ ଜାଲଆଣି ସେଇ ସ୍ଥାନ ଓ ଆଖପାଖରେ ଖୋଜିଲେ ବି ପିଲା ଦୁଇଜଣଙ୍କ ପତ୍ତା ମିଳିଲାନି। ଆତ୍ମୀୟଙ୍କ କ୍ରନ୍ଦନରୋଳରେ ଚଉଦିଗ ବିଷାଦମୟ ହୋଇଗଲା । ତିନିଦିନ ପରେ ସେଠାରୁ ପ୍ରାୟ ଏକ କି.ମି.ତଳେ ସେ ଦୁଇଜଣଙ୍କ ଗଳିତ ଶବ କୂଳରେ ଲାଗିଥିବାର ଦେଖାଗଲା ।

ଖରାଦିନ। ସେଠାରେ ପାଣି ବି ବହୁତ କମ୍ ଥିଲା, ସେମାନେ ମଲେ କିପରି ଓ କାହିଁକି ? ଅନେକ ଗୁଜବ ଶୁଣାଗଲା। ପଲାଣ ଛଇ ଖାଇଦେଲା, ଗଣ୍ଡରେ ଥିବା ଜୀଅନ୍ତା କାଠ ସେମାନଙ୍କୁ ଚାପିଧରି ରକ୍ତ ଶୋଷିନେବାରୁ ସେମାନେ ମରିଗଲେ ଇତ୍ୟାଦି ଇତ୍ୟାଦି । ମାତ୍ର ସଠିକ୍ ଉତ୍ତର କାହାରି ପାଖରେ ନଥିଲା।

**୩) ଛାତିଥରା ଘଟଣା**

ବେଲବାରିଆ ଗ୍ରାମର ପଚିଶ/ଛବିଶ ବର୍ଷର ଜଣେ ଯୁବକ ଶୀତଦିନେ ପ୍ରତିଦିନ ଭୋର ଚାରିଟାରୁ ଡଙ୍ଗାରେ ନଦୀ ପାରିହୋଇ ଜଳେଶ୍ୱରର ବିଭିନ୍ନ ଏଜେଣ୍ଟଙ୍କ ପାଖରୁ ସଂବାଦପତ୍ର ଆଣି ଶିଖରପୁର , ବେଲବାରିଆ, ଚକହରି, ରାଜନଗର ପ୍ରଭୃତି ଗ୍ରାମମାନଙ୍କରେ ଗ୍ରାହକମାନଙ୍କୁ ଦେଉଥାଆନ୍ତି । ସେଦିନ ବି ସେ ନିଜେ ଡଙ୍ଗାନେଇ ବାଉଁଶ ଖୁଞ୍ଚିମାରିମାରି ନଦୀ ପାରିହୋଇ ଜଳେଶ୍ୱର ଯାଇ ଖବରକାଗଜ ନେଇ ଫେରିଆସି ନିଜେ ଡଙ୍ଗାବାହି ଶିଖରପୁର ପଟକୁ ଆସୁଥିଲେ । ମଝିନଈରେ କଣ ହେଲା କେଜାଣି ହଠାତ୍ ଖୁଞ୍ଚିଟି ଆଉ ସେ ନଈରୁ ବାହାରକରି ପାରିଲେନି । ଫଳରେ ସେ ନିଜେ ଛାଟି ଯାଇ ନଦୀଜଳରେ ପଡିଲେ। ଆଖପାଖରେ ମାଛ ଧରୁଥିବା ଧୀବର ଓ ଅନ୍ୟଲୋକମାନେ ତାଙ୍କ ଡଙ୍ଗା ପାଖରେ ଅନ୍ୟ ଡଙ୍ଗାନେଇ ପହଞ୍ଚି ଖୋଜାଖୋଜି କଲେ । ମାତ୍ର ସେ ଯୁବକଙ୍କର ପତ୍ତା ମିଳିଲାନି । ବାଉଁଶ ଖୁଞ୍ଚି ଓ ଡଙ୍ଗା ଭାସିଯାଉଥିଲା । ଲୋକେ ସେସବୁ ନେଇ ଆସିଲେ। ତାଙ୍କ ଶବ ତିନିଦିନପରେ ବାଘାବାଳି ଗ୍ରାମ ପାଖରେ ଲାଗିଥିଲା ।

ଏମିତି ଅନେକ ଛାତିଥରା ଦୁଃଖଦ ଘଟଣାର ଅନୁଭୂତି ନଈକୂଳିଆ ଲୋକମାନଙ୍କର ରହିଛି ଯାହାକୁ ସେମାନେ ଜୀଇଥବା ଯାଏ ଭୁଲି ପାରନ୍ତିନି । (କ୍ରମଶଃ)

❤ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଅ ନ୍ବେ ଷ ଣ



# ବିଶ୍ୱ ଶୁଣିଲା ଓଡ଼ିଶା ମାଣ୍ଡିଆର ସଫଳ କାହାଣୀ

■ ଡି ଶୁଭମ୍

ଯେଉଁ ଫସଲ ଦିନେ ଗରିବଙ୍କ ଖାଦ୍ୟ ବୋଲି ଲୋକଙ୍କ ଠାରୁ ଅନାଦର ପାଉଥିଲା , ଆଜି ଆପଣ ନିଜେ ଦେଖୁଥିବେ ମାଣ୍ଡିଆ ପାଇଁ କିପରି ଆଦର ବଢ଼ିଛି। ଏକଥା କେବଳ ମୁଁ କହୁନି ବରଂ ସାରା ଓଡ଼ିଶାରେ ଏବେ ମାଣ୍ଡିଆର ବାସ ଭରିଉଠିଛି। ଲୋକଙ୍କ ଜୀବନଧାରା ସହ ମାଣ୍ଡିଆ ଏବେ ଯୋଡ଼ିହୋଇ ସାରିଛି। କେବଳ ପୁଷ୍ଟିଶସ୍ୟରେ ସୀମିତ ନରହି ମାଣ୍ଡିଆ ଆଜି ଏକ ବିପ୍ଳବ ସୃଷ୍ଟି କରିଛି। ଆମ ଚାଷୀ ଆମ ପରିଚୟ -ଏହି ସ୍ତମ୍ଭରେ ମାଣ୍ଡିଆ ସମ୍ବନ୍ଧୀୟ ଅନେକ ଆଲେଖ୍ୟ ଲେଖିବା ପରେ ବି ଆଜି ପୁଣି ଥରେ ସେହି ପୁଷ୍ଟିଶସ୍ୟକୁ ନେଇ ଲେଖିବାକୁ ଆଗ୍ରହ କରିବାର କାରଣ ଏଠାରେ ଉପସ୍ଥାପନ କରିବାକୁ ଚାହୁଁଛି।

ଏଇ କିଛି ଦିନ ତଳେ ନଭେମ୍ବର ୯-୧୦ରେ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ। ପ୍ରଥମ ରାଜ୍ୟ ଭାବରେ ସାରା ଭାରତରେ ଓଡ଼ିଶା ଏହି ସମ୍ମିଳନୀ ଆୟୋଜନ କରି ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ଭାରତ ସହ ବିଭିନ୍ନ ଦେଶର ପ୍ରତିନିଧି ମାନେ ଯୋଗ ଦେଇ ଏହାକୁ ଏକ ନୂଆ ଦିଶା ପ୍ରଦାନ କରିଛନ୍ତି। ଆପଣ ଜାଣି ଖୁସି ହେବେ ଓଡ଼ିଶା ପ୍ରଥମ ରାଜ୍ୟ ଭାବରେ ମାଣ୍ଡିଆ ଦିବସ ଭାବରେ ନଭେମ୍ବର ୧୦କୁ ପାଳନ କରୁଛି। ମାଣ୍ଡିଆ ପାଇଁ ଗୋଟିଏ ଦିନକୁ ଉତ୍ସର୍ଗ କରିବାରେ ଦେଶରେ ପ୍ରଥମ ଆମ ରାଜ୍ୟ ଓଡ଼ିଶା। ସାରା ବିଶ୍ୱ ଏଇ ଦୁଇ ଦିନରେ ଓଡ଼ିଶା ମିଲେଟ୍ସର ଗାଥା ଶୁଣିଲା। ଶୁଷ୍କ ମାଟିର ସୁନା ମାଣ୍ଡିଆ ସମସ୍ତଙ୍କ ହୃଦୟରେ ସ୍ଥାନ ପାଇ ସାରିଛି।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଣ୍ଡିଆକୁ ନେଇ ନୂଆ ପରକଳ୍ପନା ଠାରୁ ଆରମ୍ଭ କରି ଯୁବ ଉଦ୍ୟୋଗୀଙ୍କ ମିଲେଟ୍ସ ଷ୍ଟାର୍ଟଅପ ଆଉ ତା ସହ ବିଶେଷଜ୍ଞମାନଙ୍କ ବୈଷୟିକ କର୍ମଶାଳା ଏ ଦୁଇ ଦିନର ସମ୍ମିଳନୀକୁ ସଫଳତା ଦେଇଛି , ଏହା ନିଃସନ୍ଦେହ। ରିକି ରେଜଙ୍କ ମନ୍ତ୍ରମୁଗ୍ଧ ସଂଗୀତ ହେଉ କି ବିଶିଷ୍ଟ ସେଲିବ୍ରିଟି ସେଫ୍ ବିକାଶ ଖାନ୍ନାଙ୍କ ମିଲେଟ ସହ ଅନୁଭୂତି ଏସବୁ ସମସ୍ତଙ୍କୁ ଛୁଇଁଥିବ ନିଶ୍ଚୟ। ଓଡ଼ିଶାର କୃଷି ପଟ୍ଟରେ ଏହା ଏକ ସ୍ମରଣୀୟ ଦିନ ଭାବେ ବିଦିତ ହୋଇ ରହିଲା।

ଯେଉଁ ଲୋକମାନେ ଦିନେ ଚାଇନିଜ ଫାଷ୍ଟଫୁଡକୁ ନିଜର ସାଥି ଭାବେ ବାଛି ନେଇଥିଲେ ଆଜି ସେମାନଙ୍କ ଖାଦ୍ୟ ପ୍ଲେଟରେ ମାଣ୍ଡିଆ ପରଷାଯାଉଛି। ଏହା ହିଁ ତ ପରିବର୍ତ୍ତନ। ଏଇ ଠାରୁ ହିଁ ତ ଆରମ୍ଭ ପରିବର୍ତ୍ତନ। ଏକଥାକୁ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ। ରାଜ୍ୟ ସରକାରଙ୍କ ଏ ଦିଗରେ ବଳିଷ୍ଠ ଭୂମିକା ଆଜି ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆକୁ ଆଣିପାରିଛି। ଏକଥା ସତ ଯେ ଲୋକ ମାଣ୍ଡିଆକୁ ଗ୍ରହଣ କରିବାକୁ ସମୟ ନେବେ। କିନ୍ତୁ ସେସମୟ ଆଉ ଦୂର ନୁହେଁ। ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ବି ଲୋକ ଆଜି ଦୋକାନରୁ ମାଣ୍ଡିଆ ଖୋଜି ଘରକୁ ନେଉଛନ୍ତି। ଏ ବିପ୍ଳବର ଆରମ୍ଭ ମାତ୍ର। ମାଣ୍ଡିଆ ନିଶ୍ଚିତ ଭାବରେ ଲୋକଙ୍କ ପାଖରେ ଆଦର ସାଉଁଟିବ, ଏଥିରେ ଦ୍ୱିମତ ନାହିଁ।

ଓଡ଼ିଶାର ସଫଳତାର କାହାଣୀ ବିଶ୍ୱ ଶୁଣିବା ସହ ମାଣ୍ଡିଆକୁ ନେଇ ଏକ ନୂଆ ଭାବାବେଗ ସୃଷ୍ଟି ହେଲା। ଦୁଇ ଦିନର ସମ୍ମିଳନୀ ସରିଯାଇଛି ସତ କିନ୍ତୁ ଏହା ଆଗାମୀ ଦିନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିବ ନିଶ୍ଚୟ। ଲୋକେ ଏଇ ଦୁଇ ଦିନରେ ମାଣ୍ଡିଆର ପିଜା, ସରବତ, ଦହିବରା ଠୁ ଆରମ୍ଭ କରି ବିରିଆନି ଯାଏଁ ମଜା ନେଲେ। ଅନ୍ତତଃ ଲୋକ ଏତିକି ସ୍ପଷ୍ଟ ହେଲେ ଯେ ମାଣ୍ଡିଆରୁ ବି ଅନେକ କିଛି ଖାଦ୍ୟ ପ୍ରସ୍ତୁତ କରିହେବ। ମା'ମାନଙ୍କର ମିଲେଟ ଶକ୍ତି କାଫେ ଦେଖି ମହିଳା ସଶକ୍ତିକରଣର କଥା ସହଜରେ ବାରି ହେଲା। ମାଣ୍ଡିଆ ବି ଯେ ରୋଜଗାରର ପନ୍ଥା ସାଜିପାରେ ଏହାକୁ ସଭିଏଁ ଏବେ ବିଶ୍ୱାସ କରିବାକୁ ବାଧ୍ୟ। ଏହାର ସଫଳ ଉଦାହରଣ ହେଉଛି ମିଲେଟ ଶକ୍ତି କାଫେ ପରିଚାଳନା କରୁଥିବା ମହିଳା ମାନେ।

**ଚାଷୀମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମେନୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି ।**

ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି । ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି । ମିଶନ୍ ଶକ୍ତି ,କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭିନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି । ୨୦୨୦-୨୧ ସୁଦ୍ଧା ପାଖାପାଖି ୭ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା । ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚାଷ କରିବା ସହ ଚାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ ।

ଚାଷୀ ମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମେନୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛିଁ । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ୧୬୩ଟି ଭୂପ୍ରଜାତିର ଚିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛନ୍ତି ରାଜ୍ୟ ସରକାର । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ ।

❤ ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ
ଜୈବ ପ୍ରମାଣନ ସଂସ୍ଥା , ଭୁବନେଶ୍ୱର
ମୋ -୯୪୩୮୪୬୭୦୭୯

## ଆତ୍ମ ଅଭିବ୍ୟକ୍ତି

# ପ୍ରେମ ଜୀବନର ଅମୃତ

ସୁଧାଂଶୁ ଶେଖର ଦ୍ୱିବେଦୀ





ପ୍ରେମ କେବଳ ପ୍ରେମ ହୋଇଥାଏ। ୧ ରେ ୧ ମିଶିଲେ ଦୁଇ ହୁଏ- ଏହା ଗଣିତ ପାଠ କିନ୍ତୁ ଏକ ଏବଂ ଏକ ମିଶି ଏକ ହୋଇଗଲେ ତାହା ପ୍ରେମ ହୋଇଯାଏ। ସାଧାରଣତଃ ପ୍ରେମକୁ ଗୋଟିଏ ସ୍ତରରେ ସମାହିତ କରିହୁଏ ନାହିଁ ।ପ୍ରେମ ଅନେକ ଗୁଡିଏ ସ୍ତରରେ ପ୍ରଲମ୍ବିତ ।ତାହା କେବେ ସ୍ନେହ, କେବେ ବାତ୍ସଲ୍ୟ, କେବେ ମମତା, କେବେ କରୁଣା, କେବେ ଆତ୍ମୀୟତା ପୁଣି କେବେ ଆପଣାର ରୂପେ ପରି- ଲକ୍ଷିତ ହୋଇଥାଏ। ପ୍ରେମର ପରିଭାଷାକୁ ଅଭିବ୍ୟକ୍ତ କରିହୁଏ ନାହିଁ। ଶବ୍ଦରୁ ଅଲଗା, ଭାବନାରେ ପୂର୍ଣ୍ଣ ପ୍ରେମ ଦର୍ଶନୀୟ, ମନୋହର ଏବଂ ମୌନ ହୋଇଥାଏ। ହଜାର ହଜାର ଶବ୍ଦ ସ୍ଥାନରେ ଏହି ମୌନ ଯେମିତି କିଛି କହିବାକୁ ପ୍ରୟାସ କରେ !

ଦୃଷ୍ଟି ନିକ୍ଷେପ କଲେ ଏହି ଅଦ୍ଭୁତ ମୌନର ଏକମାତ୍ର ଝଲକରେ ପୂରା ଜୀବନକୁ ଦେଖିହୁଏ। ମୀରାଙ୍କ ଭୟ ରହିତ ପ୍ରେମ ତାଙ୍କ ଆଖିରୁ ଦେଖିହେଉଥିଲା। ସେଇ ପ୍ରେମକୁ ସନ୍ଥ କବୀରଙ୍କ ଶବ୍ଦରେ ଉପାୟ ରୂପେ ଦେଖିହୁଏ। ତୁଳସୀ ଦାସଙ୍କ ପ୍ରେମ ଅବିରଳ ନଦୀର ଜଳ ପରି ଛଳଛଳ ବୋହିଯାଏ, ଯେଉଁଠାରେ ରାମ ହିଁ ରାମ ଅନ୍ୟ କେହି ନୁହନ୍ତି। ପ୍ରେମର ପର୍ଯ୍ୟାୟ ଖୁସି, ଆଦୌ ଦୁଃଖର ସ୍ଥାନ ନଥାଏ। ଯଦି ଦୁଃଖ ଅନୁଭୂତ ହୁଏ ତାହେଲେ ତା'ର ମହତ୍ୱାକାଂକ୍ଷା ହିଁ କାରଣ ହୋଇଥାଏ। ପ୍ରକୃତିର କୋଣେ ଅନୁକୋଣେ ପ୍ରେମର ଅଭିବ୍ୟକ୍ତି ପରିବ୍ୟାପ୍ତ। ପସନ୍ଦ-ଅପସନ୍ଦ, ସୁଖ-ଦୁଃଖ ଚିହ୍ନିବାରେ ପ୍ରକୃତି କୌଣସି ବିକଳ୍ପ ରଖିନାହିଁ। ସତରେ ଆମକୁ ଗର୍ବ କରିବାକୁ ହେବ ଆମେମାନେ ସବୁ ପ୍ରେମର ଅଭିନ୍ନ ଅଂଶ। ଦୁନିଆରେ ପ୍ରେମ ବିନା କେହି ବି ଗୋଟେ ପାଦ ଆଗକୁ ବଢ଼ିପାରିବେ ନାହିଁ। ଯେତେସବୁ ଯୁଦ୍ଧ, ସଘର୍ଷ, ବିତର୍କ ସେସବୁ ପ୍ରେମର ଅନୁପଲବ୍ଧତା ଅଭାବରେ ଘଟିଛି। କୌଣସି ଭୟଭୀତ ରୋଗୀକୁ ଡାକ୍ତର ଯଦି ପ୍ରେମର ଭାଷାରେ ଦୁଇପଦ କହିଦିଅନ୍ତି-'ତୁମର କିଛି ହୋଇନି। ଅଳ୍ପ କିଛି ଔଷଧ ଖାଇଲେ ସବୁକିଛି ଠିକ ହୋଇଯିବ।' ବାସ ! ରୋଗୀର ଅଧା ରୋଗ ଠିକ୍ ହୋଇଯାଏ। କେହି ଦୁଃଖୀ ଲୋକର କଥାକୁ ଅନ୍ୟ କେହି ଆଶ୍ୱାସନାର ପରସ ଦେଲେ ତା' ମନର ସ୍ଥିତି ସଙ୍ଗେ ସଙ୍ଗେ ହାଲୁକା ହୋଇଯାଏ।

ଆଜି ଦେଶ ଦେଶ ଭିତରେ ଯୁଦ୍ଧ, ତର୍କ-ବିତର୍କ ହେଉଛି। ସମାଜ, ଧର୍ମ, ଜାତି-ପରିବାର ମଧ୍ୟରେ କଳି-ତକରାଳ ହେଉଛି।ଏସବୁ ପ୍ରେମର ଅଭାବରେ ହେଉଛି। ପ୍ରେମ ଏକ ଶାଶ୍ୱତ ଅସ୍ତିତ୍ୱ ଏବଂ ସଂସାର ସମ୍ପର୍କ ମାନଙ୍କର ସାପେକ୍ଷିକ। ଶାଶ୍ୱତର ଅସ୍ତିତ୍ୱ ଅସୀମ, ବିରାଟ, ସର୍ବବ୍ୟାପୀ ତଥା ସଂପୂର୍ଣ୍ଣ ଜୀବନରେ ନିଃସ୍ୱାର୍ଥ ପ୍ରେମର ସାନ୍ନିଧ୍ୟ ସମସ୍ତ ସମ୍ପର୍କର ପୂର୍ଣ୍ଣତା ଆଣିଥାଏ।କେବେ କେବେ ମୋହକୁ ମଧ୍ୟ ପ୍ରେମ ବୋଲି ମାନି ନିଆଯାଏ। ଧୃତରାଷ୍ଟ୍ର ଏବଂ ଗାନ୍ଧାରୀଙ୍କୁ ପୁତ୍ର ମୋହ ଥିଲା। ଯେଉଁଥିପାଇଁ ମହାଭାରତ ସୃଷ୍ଟି ହେବାର ମୂଖ୍ୟ ଭୂମିକା ହୋଇଥିଲା।ସେଠି ପୁତ୍ର ପ୍ରେମ ନୁହେଁ ମୋହ ଥିଲା। ମୋହ ସାପେକ୍ଷ କିନ୍ତୁ ପ୍ରେମ ନିରପେକ୍ଷ, ନିଃସ୍ୱାର୍ଥ, ଛଳନାହୀନ।ମୋହ ଏବଂ ପ୍ରେମ ମଧ୍ୟରେ ବହୁତ ଅନ୍ତର। ମୋହରେ ସର୍ତ୍ତ ଏବଂ ଅପେକ୍ଷା ଯୋଡି ରହିଥାଏ।ସେଇ ମୋହରେ ବଶବର୍ତ୍ତୀ ହୋଇ ଅନେକେ ନିଜର ସର୍ବସ୍ୱ ହରେଇ ଦେଇଛନ୍ତି। ମୋହ ଅନ୍ଧ କରି ରଖିଥାଏ ମାତ୍ର ପ୍ରେମ ତା'ର ବିପରୀତ। ନିଃସ୍ୱାର୍ଥ, ନିରପେକ୍ଷ, ସର୍ତ୍ତବିହୀନ। ପ୍ରେମ ସାହାସର ପ୍ରତୀକ ହୋଇଥାଏ। ଅନ୍ୟକୁ କ୍ଷମା କରିବା, ଭୁଲ ସ୍ୱୀକାର କରିନେବା କେହି ସାହସୀ ବ୍ୟକ୍ତି ହିଁ କରି ପାରନ୍ତି ।

ଛୋଟ ଗଳ୍ପଟିଏ ଅଛି- ଦିନେ ଜଣେ ଯୁବକ ସୁନ୍ଦରୀ ଯୁବତୀ ନିକଟରେ ବିବାହ ପ୍ରସ୍ତାବ ରଖିଲା। ଯୁବତୀ କହିଲା- 'ମୋତେ ବିବାହ କରିବାକୁ ହେଲେ ମୋ ପିତାଙ୍କ ଅନୁମତି ନେବାକୁ ହେବ। ତାଙ୍କ ସହିତ କଥା ହୁଅ।'

ଯୁବକ ତା'ପରଦିନ ଯୁବତୀର ପିତାଙ୍କ ନିକଟରେ ପହଞ୍ଚି ନିଜର ମନୋରଥ ଜଣାଇଲା। ପିତା ବିଦ୍ୱାନ ଥା'ନ୍ତି। ସେ ପଚାରିଲେ-ତୁମେ ମୋ ଝିଅକୁ ଜାଣିଛ ?

ଯୁବକ 'ହଁ'ରେ ଜବାବ ଦେଲା।

- ତୁମେ ମୋ ଝିଅକୁ ପ୍ରେମ କରୁଛ ?

ଯୁବକ ଏଥର ବି 'ହଁ'ରେ ଉତ୍ତର ଜଣାଇଲା।

ପୁଣିଥରେ ପିତା କହିଲେ-ତୁମେ ମୋ ଝିଅକୁ ପ୍ରେମ କରୁଛ ତ ତା'ର ମୂଲ୍ୟ ପଇଠ କର।

ଯୁବକ କହିଲା-ଆପଣ ଯାହା ଚାହିଁବେ ମାଗି ନିଅନ୍ତୁ। ମୁଁ ଦେବା ପାଇଁ ପ୍ରସ୍ତୁତ ଅଛି।

ଝିଅର ପିତା କହିଲେ- ପ୍ରେମ କରୁଛ ତ ପ୍ରେମର ମୂଲ୍ୟ ଜଣାଥିବା ଆବଶ୍ୟକ।

ଯୁବକ ଆଶ୍ଚର୍ଯ୍ୟଚକିତ ହୋଇ ଭାବିବାକୁ ଲାଗିଲା, ପ୍ରେମର ମୂଲ୍ୟଙ୍କନ କଣ ହୋଇପାରେ ?

ଝିଅର ପିତା ହସି ହସି କହିଲେ-ଯଦି ଜାଣିନାହଁ ତାହେଲେ ପ୍ରଥମେ ପ୍ରେମର ମୂଲ୍ୟାଙ୍କନ କରି ଆସ, ତାପରେ ମୋ ଝିଅର ହାତ ମାଗିବ।

ଯୁବକ ଘରୁ ବାହାରିଗଲା। ରାସ୍ତାରେ ଯାହାକୁ ଦେଖିଲା ପ୍ରେମର ମୂଲ୍ୟ କଣ ବୋଲି ପଚାରିଲା। ଚାଲୁ ଚାଲୁ ତାକୁ ଜଣେ ଅଚିହ୍ନା ବ୍ୟକ୍ତି ମିଳିଲେ। ତାଙ୍କୁ ପଚାରିବାରୁ ସେ କହିଲେ-ଏଠାରୁ କିଛି ଦୂର ପରେ ଗୋଟେ ଅଶ୍ୱତ୍ଥ ବୃକ୍ଷ ନିକଟରେ ଜଣେ ମହାନ ବିଦ୍ୱାନ ଅଛନ୍ତି। ସେ ତୁମ ପ୍ରଶ୍ନର ଉତ୍ତର ନିଶ୍ଚୟ କହିପାରିବେ।

ଯୁବକ ଅଶ୍ୱତ୍ଥ ବୃକ୍ଷ ନିକଟରେ ପହଞ୍ଚିଲା। ମହାତ୍ମା ଧ୍ୟାନ ମୁଦ୍ରାରେ ବସିଥା'ନ୍ତି ।ତାଙ୍କ ଆଖି ଖୋଲିବାଯାଏ ସେ ପ୍ରତୀକ୍ଷା କଲା। ଯେମିତି ସେ ଧ୍ୟାନରୁ ଆଖି ଖୋଲିଛନ୍ତି ଯୁବକ ସାଷ୍ଟାଙ୍ଗ ପ୍ରଣାମ କରି କହିଲା-ହେ ମହାତ୍ମା ! ମୋତେ ଗୋଟେ ପ୍ରଶ୍ନର ଉତ୍ତର ଜଣାନ୍ତୁ।

ମହାତ୍ମା ସ୍ମିତ ହସି କହିଲେ-ପାଗଳ ! ଏ ପ୍ରଶ୍ନ ତୁ ନିଜକୁ ପଚାର ଯାହା ତୋର ମୂଲ୍ୟ ଅଟେ। ତାହା ହିଁ ତୋ ପ୍ରେମର ମୂଲ୍ୟାଙ୍କନ। ଯୁବକ ମହାତ୍ମାଙ୍କ ଉତ୍ତରରେ ଖୁସି ହୋଇ ଯୁବତୀ ଘରେ ପହଞ୍ଚି ତା' ପିତାଙ୍କୁ କ୍ଷମା ମାଗି କହିଲା- ପ୍ରେମ ଅମୂଲ୍ୟ ଅଟେ। ପରନ୍ତୁ ମୁଁ ଆପଣଙ୍କ ଝିଅକୁ ସ୍ୱୟଂ ପ୍ରେମରେ ପରିପୂର୍ଣ୍ଣ କରିବାକୁ ପ୍ରସ୍ତୁତ। ଝିଅର ପିତାଙ୍କୁ ଯୁବକର ଛଳନାହୀନ ପ୍ରେମ ପ୍ରତି ବିଶ୍ୱାସ ହେଲା।

ପ୍ରେମ ବାସ୍ତବରେ ଅନନ୍ତ ଅଟେ। ପ୍ରେମରେ ପରିପୂର୍ଣ୍ଣ ବ୍ୟକ୍ତିଙ୍କୁ ସନ୍ଥ କୁହାଯାଏ। ଦୁନିଆରେ କିଛି ବି କରି ନିଅନ୍ତୁ ପରନ୍ତୁ ଏ ଜଗତରେ ରହିବାପାଇଁ ଅନ୍ତତଃ ସଭିଙ୍କୁ ପ୍ରେମ ପ୍ରତି ଆସିବାକୁ ପଡିବ।

ଈଶ୍ୱର ଏ ଧରାରେ ପ୍ରେମକୁ ଏଇଥିପାଇଁ ପ୍ରଦାନ କରିଛନ୍ତି ଜୀବନ ବାଟିକାରେ ପ୍ରେମର ଗୋଲାପ ଫୁଟି ଚାରିଆଡେ ତା'ର ସୁଗନ୍ଧ ପ୍ରସାରିତ କରିଦେଉ। ପ୍ରେମ ସମ୍ପର୍କକୁ ଯୋଡିବାର ଅନ୍ୟନାମ ଅଟେ। ପ୍ରେମକୁ ଆଖିରେ ନୁହେଁ ମନ ଦ୍ୱାରା ଦେଖିହୁଏ।

କେହି ସତ କହିଛନ୍ତି ପ୍ରେମ ବସନ୍ତ ସମୀର ଅଟେ ଏବଂ ପ୍ରେମ କରିବାର କୌଣସି ନିଶ୍ଚିତ ଦିନ ନିଧାର୍ଯ୍ୟ ହୋଇ ନଥାଏ। ପ୍ରେମ ତ ଏକ ନଦୀ ଭଳି ବୋହି ଯାଉଥିବା ଧାରା, ଯାହା ପ୍ରତିଦିନ ପ୍ରତିକ୍ଷଣ ବୋହି ଚାଲିଥାଏ। ପ୍ରେମ ଆମ ଜୀବନର ଅମୃତ ଅଟେ।

❤ ବିସି-୭୪, ସଲଟ ଲେକ୍,
କଲକାତା-୬୪
ମୋ-୯୬୮୧୩୭୩୫୧୨

# ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪



ଓଡ଼ଗାଁ, ୩/୨ (ନି.ପ୍ର): ଆଜି ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ଗାଁ ବ୍ଲକ ରୁ ଆସିଥିବା ୬୪ ଜଣ କବି, କବୟିତ୍ରୀ, ଗାଳ୍ପିକ, ସାହିତ୍ୟିକ ଓ ଭାଷାବିତ୍ ମାନଙ୍କୁ ନେଇ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁରେନ୍ଦ୍ର ନାଥ ମିଶ୍ର ଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ କବିତା ପ୍ରଧାନ,ସମ୍ମାନିତ ଅତିଥି ରୂପେ କବି ଲୋକନାଥ ମିଶ୍ର, ପ୍ରଫୁଲ୍ଲ ମାଝି, ଦୀନବନ୍ଧୁ ମହାପାତ୍ର ମଞ୍ଚାସୀନ ଥିଲେ।ଉକ୍ତ ସଭାରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଉପରେ ସମସ୍ତେ ଗୁରୁତ୍ୱ ଦେବା, ଓଡ଼ିଆ ଭାଷା ଓ ସଂସ୍କୃତି ର ପ୍ରଚାର ରେ ଯୁବପିଢ଼ି ଙ୍କ ଗୁରୁତ୍ୱ ଓ ଦାୟିତ୍ୱବୋଧ କୁ ଜାଗ୍ରତ କରାଇବା,ଓଡ଼ିଆ ଭାଷା ର ବ୍ୟବହାର କୁ ପ୍ରୋତ୍ସାହିତ କରିବା, ବିଦ୍ୟାଳୟ ସ୍ତରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଭୂତି କୁ ବାଣ୍ଟିବା,ବିଭିନ୍ନ ଓଡ଼ିଆ ଭାଷା ଓ ସଂସ୍କୃତି ର ଉତ୍ସବ ପ୍ରଚାର କରିବା ସହିତ ସ୍ଥାନୀୟ ଲୋକମାନଙ୍କୁ ଯୋଡିବା ପାଇଁ ଅତିଥି ମାନେ ନିଜର ବକ୍ତବ୍ୟ ରଖିଥିଲେ।ଉପସ୍ଥିତ ସାରସ୍ୱତ ସାଧକ ମାନେ ନିଜର ସ୍ୱରଚିତ କବିତା ଓ ଗଳ୍ପ ଉପସ୍ଥାପନା କରିଥିଲେ। ମାତୃଭାଷାର ବିକାଶରେ ଦିବଂଗତ ସାଧକ ମାନଙ୍କ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ସାଧକ ମାନଙ୍କୁ ଅତିଥି ଙ୍କ ଦ୍ୱାରା ମାନପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କବି ପଞ୍ଚାନନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଭାବଗ୍ରାହୀ ମହାପାତ୍ର ଓ ଯଶୋବନ୍ତ ପଟ୍ଟନାୟକ ସଂଯୋଜନା କରିଥିଲେ।କବି ରଞ୍ଜନ କୁମାର ଦାଶ ଓ ଦ୍ୱିତୀକୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୩/୨ (ନି.ପ୍ର): ମାତୃଭାଷା ଓଡ଼ିଆକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରାଇବା ସହ ଏହାର ସଂରକ୍ଷଣ କରିବା ନିମନ୍ତେ ଚଳିତ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରଠାରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଆୟୋଜିତ କରାଯାଉଅଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଦିବା ଘ. ୧୧.୦୦ ମିନିଟ ସମୟରେ ଏହି ସମ୍ମିଳନୀକୁ ଶୁଭ ଉଦ୍ଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ଶାନ୍ତିକାନନ ପରିସରରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ, ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ପୌରପାଳିକା ଉପାଧ୍ୟକ୍ଷ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠି, ସଦର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସୁନିତା ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀ ପାଳନ ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓ କାର୍ଯ୍ୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ଥିବା ମହାପୁରୁଷ ଓ ଖ୍ୟାତନାମା ଲେଖକ ଓ ଲେଖିକାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## କଂଗ୍ରେସ ଗଣମାଧ୍ୟମ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୩/୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ନବଗଠିତ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନରେ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଗଣମାଧ୍ୟମ ବିଭାଗକୁ ସଶକ୍ତ, କ୍ରିୟାଶୀଳ ଓ ଉତରଦାୟୀ ରହିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ନିର୍ବାଚନରେ ଗଣମାଧ୍ୟମ ବିଭାଗ କିପରି ଉଭୟ କେନ୍ଦ୍ରରେ ଥିବା ମୋଦୀ ସରକାର ଓ ରାଜ୍ୟରେ ଥିବା ନବୀନ ସରକାରଙ୍କ ଜନବିରୋଧି କାର୍ଯ୍ୟକୁ ରାଜ୍ୟବାସୀଙ୍କ ସାମନାରେ ଉଜାଗର କରିବ ତାହା ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲା ଓ ବିଧାନସଭାରେ ଗଣମାଧ୍ୟମ ବିଭାଗର ରୂପରେଖ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଡ. ଅଜୟ କୁମାର। ପିସିସି ସହ ପ୍ରଭାରୀ କ୍ରିଷ୍ଟୋଫର ତିଲକ ସୋସିଆଲ ମିଡିଆ ଓ ଗଣମାଧ୍ୟମ ବିଭାଗ ପ୍ରଚାର ଓ ପ୍ରସାର ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାପାଇଁ କହିଥିଲେ। ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି ନବଗଠିତ ଗଣମାଧ୍ୟମ ବିଭାଗର ସମସ୍ତ ବରିଷ୍ଠ ମୁଖପାତ୍ର, ମୁଖପାତ୍ର, ସଂପାଦକ, ପ୍ୟାନେଲିଷ୍ଟ, ମିଡିଆ କୋଅର୍ଡିନେଟର ମାନଙ୍କୁ ସ୍ୱାଗତ ଜଣାଇବା ସହ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ବିଭାଗର ରଣନୀତି ସମ୍ପର୍କରେ ମତ ପ୍ରକାଶ କରିଥିଲେ।

## ଜଳ ସମ୍ପଦ ବିଭାଗରେ ବନ୍ଦେ ଉତ୍କଳ ଜନନୀ ସମୂହ ଗାନ

ଭୁବନେଶ୍ୱର, ୩/୨ (ନି.ପ୍ର): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ଶନିବାର ଭୁବନେଶ୍ୱର ରାଜୀବ ଭବନ ସ୍ଥିତ ରାଜ୍ୟ ଜଳ ସମ୍ପଦବିଭାଗ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରରେ ସମବେତ ହୋଇ ପୂର୍ବାହ୍ନ ୧୧ ଘଟିକା ସମୟରେ ସମୂହ "ବନ୍ଦେ ଉତ୍କଳ ଜନନୀ"ସଂଗୀତ ଗାନ କରିଥିଲେ। ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଆଲୋକ କୁମାର କର ଏବଂ ସୁଧାଂଶୁ ମୋହନ ସାମଲ,ସ୍ୱତନ୍ତ୍ର ଶାସନ ସଚିବ ଡଃ. ତ୍ରିବିକ୍ରମ ପ୍ରଧାନ, ନରହରି ସେଠୀ ଓ ଶ୍ରୀମତୀ ମଞ୍ଜୁଲତା ସ୍ୱାଇଁ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ସଂଜୟ ଦାସ ଏବଂ ମାନସୀ ଦାଶ, ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ମୁକୁଲ ଚନ୍ଦ୍ର ବେରା ଓ ଶତ୍ରୁଘ୍ନ ମହାରଣା, ଅତିରିକ୍ତ ଶାସନ ସଚିବ ଆରତୀ ରାଉତ, ଶ୍ରୀକାନ୍ତ କୁମାର ମିଶ୍ର, କେଦାର ସିଂ ଏବଂ ସୁବ୍ରତ କୁମାର ନାୟକ, ଯୁଗ୍ମ ଶାସନ ସଚିବ ମନୋଜ ମଞ୍ଜରୀ ପ୍ରଧାନଙ୍କ ସମେତ ଜଳସଂପଦ ବିଭାଗର ଅନ୍ୟ ସମସ୍ତ ଅଧିକାରୀ, ଯନ୍ତ୍ରୀ, କର୍ମଚାରୀ, ଏଠାରେ ଥିବା ଅନ୍ୟ ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଓଡ଼ିଆ ଭାଷାର ବହୁଳ ବ୍ୟବହାର,ଏହାର ପ୍ରଚାରପ୍ରସାର, ଯୁବବର୍ଗଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଜାଗରଣ ସୃଷ୍ଟି କରିବା ଏବଂ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏହି କାର୍ଯ୍ୟକ୍ରମ ସମାହିତ ହୋଇଥିଲା ।

# ନୂଆ -ଓ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




ଲଙ୍ଗଳେଶ୍ୱର, ୩/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ରେ ନୂଆ -ଓ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ୍‌ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗାଇ କଲେଜ ପୂର୍ବତନ ଅଧ୍ୟକ୍ଷ, ରବୀନ୍ଦ୍ର କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଜଗାଇ କଲେଜ ର ଅଧ୍ୟାପକ ବିଜୟ କୁମାର ଜେନା, ସମ୍ମାନିତ ଅତିଥି କଲେଜ ପରିଚାଳନା କମିଟି ସଭାପତି ରେବତୀ ଜେନା, ପୂର୍ବତନ ଅଧ୍ୟାପକ ଶ୍ରୀକାନ୍ତ କାମିଲା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଲୋପ ପାଇଯାଉଥିବା ସଂସ୍କୃତି, ପରମ୍ପରା, ଭାଷା, ଜଗନ୍ନାଥ ସଂସ୍କୃତିର କୁ ଉଜ୍ଜୀବିତ ରଖିବାପାଇଁ ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟ କୁ ଅତିଥି ମାନେ ପ୍ରଶଂସା କରିଥିଲେ । ପ୍ରୋଗ୍ରାମ କୋଡିନେଟର ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ମାନେ ନୂଆ -ଓ ଓଡ଼ିଶା କାର୍ଯ୍ୟକ୍ରମ ବାବଦରେ ନିଜର ମାତୃଭାଷା କୁ ବଞ୍ଚେଇ ରଖିବା ଏବଂ ଭାଷ ଓ ଭାବନା ସାହିତ୍ୟ ସୃଷ୍ଟି କରେ ବୋଲି ଅଭିଭାଷଣ ରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁଧୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଡଃ ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ, ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସରୋଜିନୀ ପରିଡା, ସବିତା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇ ସପ୍ତାହ ଧରି ଚାଲିଥିଲା।

## ପିହୁ ମାଆଙ୍କୁ ଉଠାଇ ନେଲା ପୋଲିସ

ଭୁବନେଶ୍ୱର, ୩/୨ (ନି.ପ୍ର): ନିଖୋଜ ଶିଶୁ ପିହୁର ମାଙ୍କୁ ଅଟକ ରଖିଛି ପୁଲିସ । ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ପିହୁଙ୍କ ମା ସମ୍ବଲପୁର ଯାଉଥିବା ବେଳେ ପୁଲିସ ଖବର ପାଇ ଅଟକ ରଖିଛି। ୪ବର୍ଷ ହେଲା ୨ବର୍ଷର ଶିଶୁ ପିହୁ ନିଖୋଜ ଥିବାବେଳେ ଏପର୍ଯ୍ୟନ୍ତ ଖୋଜ ଖବର ପାଇନଥିବାରୁ ଭାଙ୍ଗିପଡିଛନ୍ତି ପିହୁଙ୍କ ମା । ରାଜ୍ୟ ପୁଲିସ ଏବଂ ସରକାର ତାଙ୍କ କଥା ଶୁଣୁନଥିବା ଅଭିଯୋଗ କରିଛନ୍ତି ପିହୁଙ୍କ ମା । ଏଥିପାଇଁ ସେ ସିବିଆଇ ତଦନ୍ତ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଥିଲେ । ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁର ଆସୁଥିବା ଖବର ଶୁଣି ପିହୁଙ୍କ ମା କାର ଯୋଗେ ଯିବାବେଳେ ରାସ୍ତାରୁ ଅଟକ ରଖିଛି ପୁଲିସ ।

# କଙ୍କଡାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ



ବାଲିଆପାଳ, ୩/୨ (ନି.ପ୍ର): ଶନିବାର ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିପଦ ବେହେରାଙ୍କ ପୌରହିତରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସୁଧାଂଶୁ କୁମାର ଜେନା, ଖଗେନ୍ଦ୍ର ନାଥ ସି, ସୁଧାଂଶୁ କୁମାର ନାୟକ, ଗଣପତି ଦାସ, ଗଣେଶ ଚନ୍ଦ୍ର ଜେନା, ବିଦ୍ୟାଳୟର ସଭାପତି ଦେବଦୁଲାଲ ହାଜରା ,ସମ୍ଭୁନାଥ ତୋଳା ପ୍ରମୁଖ ଯୋଗ ଦେଇ ଓଡିଆ ଭାଷାର ସୁରକ୍ଷା, ଉନ୍ନତି ଏବଂ ଏହାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ବିଭାଗରେ ଯଥା - କବିତା, ଗଳ୍ପ, କୁଇଜ, ତର୍କ, ଚିତ୍ରାଙ୍କନ, ହାତକାମ,ମାଟିକାମ ଇତ୍ୟାଦିରେ ଭାଗ ନେଇଥିଲେ। ଏହାକୁ ସହଯୋଗ କରିଥିଲେ ବିଦ୍ୟାଳୟର ଶିକ୍ଷକ ବିନୟ କୁମାର ସାମନ୍ତ, ମନ୍ମଥ ମଣ୍ଡଳ, କୃତ୍ତିବାସ ଗିରି, ସୁଦେଷ୍ଣା ଦାସ ଓ ସୁମିତ୍ରା ମାଝୀ । ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସମାପ୍ତ କରିଥିଲେ ।

# ଅଗଣି ନରେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




ଖଇରା, ୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୁଆ ଓ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇ ଯାଇଛି । ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣଚନ୍ଦ୍ର ଦାସ ଯୋଗ ଦେଇ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ମହିମା, ନିତିକ୍ରାନ୍ତି, ବେଶ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ବନମାଳୀ ଉପାଧ୍ୟାୟ ସଭା ପରିଚାଳନା କରିଥିଲେ । ଅଧ୍ୟାପକ ଗୋପିନାଥ ପୃଷ୍ଟି, ନରୋତ୍ତମ ରଥ, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଯାହା ନିକଟରେ କାହାର....

ଆଉ ୨ କୋଟି ଘର ନିର୍ମାଣ ନେଇ ଘୋଷଣା କରାଯାଇଛି । ଏହା ମୋଦୀଙ୍କ ଗ୍ୟାରେଣ୍ଟି । ପିଏମ୍ କହିଛନ୍ତି, ଚାଷୀ, ପଶୁ ପାଳକ ଏବଂ ମତ୍ସ୍ୟ ଚାଷୀଙ୍କ ଆୟ ବଢାଇବା ବିଜେପି ସରକାରର ଲକ୍ଷ୍ୟ ରହିଛି । ଓଡ଼ିଶାର ୪୦ ଲକ୍ଷ ଚାଷୀଙ୍କୁ ପିଏମ୍ କିଷାନରେ ଲାଭବାନ ହୋଇଛନ୍ତି । ଓଡ଼ିଶାର ଧାନ ଚାଷୀଙ୍କଠାରୁ କେନ୍ଦ୍ର ସରକାର ଅଧିକରୁ ଅଧିକ ଧାନ କିଣିଛନ୍ତି । ୟୁପିଏ ସରକାରରେ ଓଡ଼ିଶାରୁ ୩୬ ହଜାର କୋଟି ଟଙ୍କା ଧାନ କିଣାଯାଇଥିଲା । କିନ୍ତୁ ମୋଦୀ ସରକାରର ୯ ବର୍ଷରେ ଓଡ଼ିଶାର ଚାଷୀଙ୍କୁ ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ମିଳିଛି । ଏହାସହ ପିଏମ୍ ମୋଦୀ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ଆପଣାଉଥିବା ପଦକ୍ଷେପ ବିଷୟରେ କହିଥିଲେ । ମତ୍ସ୍ୟଜୀବୀଙ୍କ ପାଇଁ କେନ୍ଦ୍ରର ବିଜେପି ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ପିଏମ୍ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜେପି ସରକାର ଲଗାତାର ଆପଣଙ୍କ ସୁବିଧା ପାଇଁ କାମ କରୁଛି । ଆପଣଙ୍କ ରୋଜଗାର ବଢିବ ଏବଂ ଖର୍ଚ୍ଚ କମିବା ହିଁ ଆମର ପ୍ରାଥମିକତା। ଦେଶବାସୀଙ୍କ ବିଜୁଳି ବିଲ୍ ଶୂନ୍ୟ ହେବା ଆମର ଲକ୍ଷ୍ୟ । ରୁଫଟପ୍ ସୋଲାର ଯୋଜନାରେ ରୋଜଗାର ସମ୍ଭାବନା ବଢିବ। ଓଡ଼ିଶା ସୂର୍ଯ୍ୟଭଗବାନଙ୍କ ରାଜ୍ୟ। ଏଠି ସୋଲରା ଚମକିବ । ବଜେଟ୍ରେ ଆୟୁଷ୍ମାନ ଭାରତକୁ ଆହୁରି ବ୍ୟାପକ କରାଯାଇଛି । ଆଶା, ଅଙ୍ଗନବାଡ଼ି କର୍ମୀଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଇଛି । ଓଡ଼ିଶାର ୬୦ ଲକ୍ଷ ପରିବାରକୁ ପାଇପ୍ ପାଣି ଯୋଗାଣ ହେଉଛି । ଭଉଣୀଙ୍କୁ ଲକ୍ଷପତି ଦିଦି ହେବାର ଗ୍ୟାରେଣ୍ଟି ଆମ ସରକାର ଦେଉଛି। ଏକ କୋଟି ଲକ୍ଷପତି ଦିଦି ସୃଷ୍ଟି ହେଲେଣି । ୩ କୋଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ହଜାର ହଜାର ଏସ୍ଏଚ୍‌ଜି ମହିଳାଙ୍କୁ ଏହାର ଲାଭ ମିଳିବାକୁ ଯାଉଛି । ପୂର୍ବ ସରକାର ଲୋକଙ୍କୁ ଲାଭ ଅପେକ୍ଷା ସ୍ୱୟଂ ଦୁର୍ନୀତିରେ ବୁଡ଼ିଥିଲା। ସେତେବେଳେ ଭାରତୀୟ ଯୁବକ ନିରାଶରେ ବୁଡ଼ି ରହିଥିଲେ । ଏବେ ଯୁବକଙ୍କ ପଛରେ ବିଶ୍ୱସ୍ତ ବିଜେପି ସରକାର ଛିଡ଼ା ହୋଇଛି । ଆଜିର ଯୁବକଙ୍କୁ ଋଣ ନେବାକୁ କୌଣସି ଗ୍ୟାରେଣ୍ଟି ଦେବାକୁ ପଡୁନି । କାରଣ ଆଜିର ଯୁବକଙ୍କ ପଛରେ ମୋଦୀଙ୍କ ଗ୍ୟାରେଣ୍ଟି ରହିଛି । ଯାହା ପାଖରେ କାହାର ସାହାର ନାହିଁ, ତା ପାଖରେ ମୋଦୀର ଗ୍ୟାରେଣ୍ଟ ରହିଛି । ଯାହା ପାଖରେ କେହି ନାହିଁ, ତା ପାଖରେ ମୋଦୀ ଅଛି ।

## ପ୍ରଥମ ବିଶ୍ୱ ଓଡିଆ ଭାଷା...

ସରକାର ତାକୁ ଗ୍ରହଣ କରି ଏକ ସ୍ୱତନ୍ତ୍ର ଭାଷା ନୀତି ପ୍ରସ୍ତୁତ କରିବେ। ଓଡିଆ ଜାତିର ଭବିଷ୍ୟତ ବିକାଶ ରାସ୍ତାକୁ ଏହା ପ୍ରଶସ୍ତ କରିବ ବୋଲି ମତଦେଇ ଓଡିଆ ଜାତିର ଓ ଓଡିଆ ଭାଷାର ଭବିଷ୍ୟତ ଉଜ୍ଜଳ ବୋଲି ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକଟ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆ ସଂସ୍କୃତି ଓ ବୈଷୟିକ ଜ୍ଞାନର ପ୍ରଭାବ ଭାଷା ଉପରେ ରହୁଛି। ତେଣୁ ଭାଷାର ସବୁ ଦିଗ ଉପରେ ଆଲୋଚନା ହେଉ। ଭଲ ସାହିତ୍ୟ ସୃଷ୍ଟି ଉପରେ ଓ ଓଡିଆ ଭାଷାର ଅଧିକ ବ୍ୟବହାର ଉପରେ ଆଲୋଚନା ହେଉ ବୋଲି ସେ ମତ ଦେଇଥିଲେ ।ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହି ସମ୍ମିଳନୀରେ ଆମେ ଆମ ଭାଷାର ଇତିହାସ ଜାଣିବା। ବର୍ତମାନକୁ ଦେଖିବା ଓ ଭବିଷ୍ୟତ ପାଇଁ ରାସ୍ତା ତିଆରି କରିବା। ଓଡିଶା ଭାଷା ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଭାଷା ହିଁ ଭବିଷ୍ୟତ । ଓଡିଆ ଭାଷାର ଉନ୍ନତି ପାଇଁ ଓଡିଆ ବିଶ୍ୱବିଦ୍ୟାଳୟ ଖୋଲାଯାଇଛି । ଓଡିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଓଡିଆ ଭାଷା ଶିକ୍ଷାକୁ ଉତ୍ସାହିତ କରାଯାଇଛି। ଏହା ଆମ ସମସ୍ତଙ୍କୁ ଏକତାର ମହାମନ୍ତ୍ର ଦେଇଥାଏ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓଡିଆ ଭାଷାର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ କହିଲେ ଯେ ଏହି ସମ୍ମିଳନୀ ହେଉଛି ଓଡିଆ ଅସ୍ମିତାର ପରିଚୟ। ଶାସ୍ତ୍ରୀୟ ଭାଷା ଓଡିଆକୁ ଅଧିକ ଲୋକପ୍ରିୟ କରିବା ଏବଂ ଆମ ଭାଷାକୁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଜରିଆରେ କିଭଳି ଆଗକୁ ନେଇ ପାରିବା, ତା ହେଉଛି ଏହି ସମ୍ମିଳନୀର ଆଭିମୁଖ୍ୟ। ସମ୍ମିଳନୀରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଶ୍ରୀମତୀ ସୁଜାତା ରାଉତ କାର୍ତିକେୟନ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଆଜି ଆମ ସମସ୍ତଙ୍କ ପାଇଁ ଏହି ସମ୍ମିଳନୀ ହେଉଛି ଏକ ଭାଷାର ପର୍ବ ଓ ଉତ୍ସବ। ଆଜି ଓଡିଶାରେ ରୂପାନ୍ତର ପ୍ରକ୍ରିୟା ଜାରି ରହିଛି। ରୂପାନ୍ତର ପ୍ରକ୍ରିୟାରେ ଭାଷାର ବହୁତ ବଡ ଭୂମିକା ରହିଛି । ସେଥିପାଇଁ ଆମ ଭାଷାର ଗୌରବ ବୃଦ୍ଧି ଓ ଜୟଗାନ ପାଇଁ ମୁଖ୍ୟମନ୍ତ୍ରୀ ଏହି ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଆୟୋଜନ କରିଛନ୍ତି। ଏହି ସମ୍ମିଳନୀର ପ୍ରସଙ୍ଗ ରହିଛି ଭାଷା ହିଁ ଭବିଷ୍ୟତ। ଆଜି ଏହି ସମ୍ମିଳନୀରେ ୪ଟି ଦେଶର ଭାଷା ବିଶେଷଜ୍ଞଙ୍କ ସମେତ ୧୦୦ରୁ ଅଧିକ ବିଦ୍ୱାନ ଏକତ୍ରିତ ହୋଇଛନ୍ତି।

## ଅଜଣା ରୋଗରେ ୩...

ହେବା ଓ ଅଧିକ ଥଣ୍ଡା ଅନୁଭବ କରିବା ଭଳି ଲକ୍ଷଣ ଦେଖାଯାଉଛି। ରାୟଗଡ଼ା ସିଡିଏମ୍ଓ ଲଳିତମୋହନ ରାଉତରାୟ କହିଛନ୍ତି, ଘଟଣାର ତଦନ୍ତ ପାଇଁ ଏକ ତିନି ଜଣିଆ ଟିମ୍ ସେଠାକୁ ଯାଇଛନ୍ତି। ସେମାନେ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ କାହିଁକି ସେହି ଲୋକଙ୍କ ମୃତ୍ୟୁ ଘଟିଲା, ତାହା ଜଣାପଡ଼ିବ। ସେହିଭଳି ବର୍ତ୍ତମାନ ଯେଉଁମାନେ ଅସୁସ୍ଥ ଅଛନ୍ତି, ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## 'ଭାରତ ରତ୍ନ'ରେ ....

୮ ନଭେମ୍ବର ୧୯୨୭ରେ ପାକିସ୍ତାନର କରାଚିରେ ଜନ୍ମଗ୍ରହଣ କରିଥିଲେ। ଏହାପରେ ବିଭାଜନ ସମୟରେ ବମ୍ବେରେ ଅବସ୍ଥାପିତ ହୋଇଥିଲେ। ଏହିଠାରୁ ହିଁ ପାଠପଢା ସମାପ୍ତ କରିଥିଲେ। ୧୯୪୧ରେ ମାତ୍ର ୧୪ ବର୍ଷ ବୟସରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ (ଆରଏସଏସ)ରେ ଯୋଗ ଦେଇଥିଲେ ଆଡଭାନୀ। ସେବେଠାରୁ ରାଷ୍ଟ୍ର ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଆସିଛନ୍ତି। ସେ ଭାରତୀୟ ଜନତା ପାର୍ଟି (ବିଜେପି)ର ଅନ୍ୟତମ ସହପ୍ରତିଷ୍ଠାତା ଥିଲେ। ୨୦୦୨ରୁ ୨୦୦୪ ପର୍ଯ୍ୟନ୍ତ ସପ୍ତମ ଉପପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଦୀର୍ଘ ସମୟ କାର୍ଯ୍ୟ କରିଥିବା ଗୃହମନ୍ତ୍ରୀ। ଏଥିସହ ଲୋକସଭାରେ ମଧ ସର୍ବାଧିକ ସମୟ ବିରୋଧୀ ଦଳର ନେତା ଭାବେ କାର୍ଯ୍ୟ କରିଛନ୍ତି। ୨୦୦୯ ସାଧାରଣ ନିର୍ବାଚନ ସମୟରେ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଥିଲେ ଲାଲକୃଷ୍ଣ ଆଡଭାନୀ।

## ପଞ୍ଜାବ ରାଜ୍ୟପାଳଙ୍କ ...

ମାମଲା ଉପରେ ଶୁଣାଣି କରିଥିଲେ। ନ୍ୟାୟଧୀଶ କହିଥିଲେ ଯେ, ରାଜ୍ୟପାଳ କୌଣସି ବିଲକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଚାରାଧୀନ ରଖିପାରିବେ ନାହିଁ। ଜଣେ ରାଜ୍ୟପାଳ ବିଧାନସଭା ବିଲ୍ ପ୍ରଣୟନକୁ ଅଟକାଇବା ପାଇଁ ସେମାନଙ୍କର ସାମ୍ବିଧାନିକ କ୍ଷମତାକୁ ମଧ ବ୍ୟବହାର କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ।

## ଝାଡ଼ଖଣ୍ଡରେ ଫ୍ଲୋର ଟେଷ୍ଟ...

ହାଇଦ୍ରାବାର ଏକ ରିଜସର୍ଟରେ ସୁରକ୍ଷିତ ଭାବେ ରଖାଯାଇଛି। ଝାଡ଼ଖଣ୍ଡ ବିଧାନସଭାରେ ମୋଟ ୮୧ଟି ଆସନ ରହିଛି। ଏହି ହିସାବରେ ସଂଖ୍ୟାଗରିଷ୍ଠତା ହେଉଛି ୪୧। ତେଣୁ ଫ୍ଲୋର ଟେଷ୍ଟ ହେବା ପର୍ଯ୍ୟନ୍ତ ବିଧାୟକମାନଙ୍କୁ ଏକ ସୁରକ୍ଷିତ ସ୍ଥାନରେ ରଖାଯିବ। ଏନେଇ ଝାଡ଼ଖଣ୍ଡର କଂଗ୍ରେସ ପ୍ରଭାରୀ ଗୁଲାମ ଅହମ୍ମଦ ମୀର ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଜଣେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପଦ ଛାଡିବା ଓ ଦଳର ସହଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ଆସନ ହସ୍ତାନ୍ତର କରିବା ଅକଳ୍ପନୀୟ ଓ ଅଭୁତପୂର୍ବ। ସମଗ୍ର ମେଣ୍ଟର ସର୍ବସମ୍ମତି କ୍ରମେ ହେମନ୍ତ ସୋରେନଙ୍କ ଉତ୍ତରାଧିକାରୀଙ୍କୁ ବାଛାଯାଇଛି। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟପାଳଙ୍କୁ ତାଙ୍କ ନାମରେ ଆନୁଷ୍ଠାନିକ ପ୍ରସ୍ତାବ ଦିଆଯାଇଛି। ଫେବ୍ରୁଆରୀ ୫ ରେ ବିଧାନସଭାରେ ମେଣ୍ଟ ସରକାରଙ୍କୁ ଶକ୍ତି ପରୀକ୍ଷା ପାଇଁ ଆମନ୍ତ୍ରଣ କରାଯିବ। ସେପର୍ଯ୍ୟନ୍ତ ଆମର ସମସ୍ତ ବିଧାୟକ ଏକ ସୁରକ୍ଷିତ ସ୍ଥାନରେ ରହିବେ ବୋଲି କଂଗ୍ରେସ ନେତା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଚମ୍ପାଇ ସୋରେନ୍‌ଙ୍କ ଶପଥ ଗ୍ରହଣ ସମାରୋହ ପରେ ବିଧାୟକମାନେ ତେଲଙ୍ଗାନାର ରାଜଧାନୀକୁ ଗସ୍ତ କରିଛନ୍ତି। ସେଠାରେ ଏକ ବ୍ୟକ୍ତିଗତ ରଜର୍ଟରେ ସେମାନଙ୍କୁ ରଖାଯାଇଛି। ସରକାର ଭାଙ୍ଗିଯିବା ଭୟରେ ଜେଏମ୍ଏମ୍ ନିଜର ସମସ୍ତ ବିଧାୟକଙ୍କୁ ଏଠାରେ ରଖିଥିବା କୁହାଯାଉଛି। ବିରୋଧୀମାନେ ଯେପରି ତାଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ ସେଥିପାଇଁ କଡା ସୁରକ୍ଷା ବ୍ୟବସ୍ଥା ମଧ କରାଯାଇଛି। କହିରଖୁ ଯେ, ସେପ୍ଟେମ୍ବର ୨୦୨୨ରେ ହେମନ୍ତ ସୋରେନ୍ ନିଜ ସପକ୍ଷରେ ୪୮ଟି ଭୋଟ ପାଇବା ସହ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ।

## ସମନକୁ ଖାତିର କରୁ ନାହାନ୍ତି ...

ଏହାର ଶୁଣାଣି ଆସନ୍ତା ବୁଧବାର ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଆଇପିସିର ଧାର ୧୭୪ ଓ ପ୍ରିଭେସନ ଅଫ ମନି ଲଣ୍ଡରିଂ ଆକ୍ଟର ଧାରା ୫୦କୁ ଆଧାର କରି ଇଡି କୋର୍ଟରେ ଆବେଦନ କରିଛି। କେଜ୍ରିୱାଲ ସମନକୁ ଖାତିର କରୁ ନାହାନ୍ତି ଓ ନିୟମ ଅନୁସାରେ ତଦନ୍ତରେ ସହଯୋଗ କରୁ ନଥିବା ଇଡି କହିଛି। ଇଡି ବାରମ୍ବାର କେଜ୍ରିୱାଙ୍କୁ ଅବକାରୀ ନୀତି ଦୁର୍ନୀତି ଘଟଣାରେ ସମନ କରି ଚାଲିଛି। କିନ୍ତୁ ଏହାକୁ ବେଆଇନ ବୋଲି କହି କେଜ୍ରିୱାଲ ଇଡି ନିକଟରେ ହାଜର ହେଉ ନାହାନ୍ତି।

## କାଲି ମୃତ ....

ଗୁରୁବାର ସଂସଦରେ ବଜେଟ୍ ଉପସ୍ଥାପନ ସମୟରେ ଦେଶର ୯-୧୪ ବର୍ଷ ପର୍ଯ୍ୟନ୍ତ ଝିଅଙ୍କୁ ମାଗଣାରେ ସର୍ଭାଇକାଲ କ୍ୟାନସର ନିରୋଧୀ ଟୀକା ଦେବାକୁ ଘୋଷଣା କରିଥିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନୀର୍ମଳା ସୀତାରମଣ । ଆଉ ଏହି ଘୋଷଣା ହେବାର ଦିନ ପରେ ନିଜ ମୃତ୍ୟୁକୁ ନେଇ ମିଛ ଖବର ପ୍ରଚାର କରିଥିଲେ ପୁନମ୍ । ମନୋଭାବନା ଆଘାତ ପାଇଁ ପ୍ରଶଂସକଙ୍କଠୁ କ୍ଷମା ମଧ ମାଗିଛନ୍ତି ପୁନମ । ଶୁକ୍ରବାର ଅଭିନେତ୍ରୀଙ୍କ ମ୍ୟାନେଜର ସୋସିଆଲ ମିଡିଆ ପୋଷ୍ଟ କରି ତାଙ୍କର ମୃତ୍ୟୁ ହୋଇଥିବା କହିଥିଲେ । ଏହି ଖବର ଦିନ ତମାମ ଚର୍ଚ୍ଚା ସାଉଁଟିଥିଲା, ସୋସିଆଲ ମିଡିଆରେ ମାଳମାଳ ପୋଷ୍ଟ ଦେଖିବାକୁ ମିଳିଥିଲା । କିଏ ଦୁଖ ପ୍ରକାଶ କରିଥିଲେ ଆଉ କିଏ ସମବେଦନା ଜଣାଇଥିଲେ । ଖବର ଆସିଥିଲା କ୍ୟାନସରରେ ପୀଡିତ ହେବା ପରେ ଅଭିନେତ୍ରୀଙ୍କ ପରଲୋକ ହୋଇଛି । ସର୍ଭାଇକାଲ କ୍ୟାନସରରେ ପୁନମଙ୍କ ମୃତ୍ୟୁ ଖବର ନିଆଁ ପରି ବ୍ୟାପିଥିଲା । ସେପଟେ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ନଆସିବା, ୩ଦିନର ପୂର୍ବର ପୁନମଙ୍କ ପାର୍ଟି ନାଇଟର ଭିଡଓ ପ୍ରଶଂସକଙ୍କ ମଧ୍ୟରେ ଦ୍ୱନ୍ଦ ବଢ଼ାଇଥିଲା । ତେବେ ୨୪ଘଂଟା ନୁପୁରୁଣୁ ଅଭିନେତ୍ରୀ ଭିଡିଓ ବୟାନ ଜାରି କରି ସେ ସୁସ୍ଥ ତଥା ଜୀବିତ ଥିବା କହିବାଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ରବିବାର, ଫେବୃଆରୀ ୪, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


# ପଞ୍ଚୁଟିକ୍ରି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୩/୨ (ନି.ପ୍ର): ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପଞ୍ଚୁଟିକ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାରାକାନ୍ତ ବେହେରା ସଭାପତିତ୍ୱ କରିଥିଲେ । ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ନାରାୟଣ ପ୍ରସାଦ ଧଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ଇଞ୍ଜିନିୟର ଅଭୟ ସୂତାର, ଶିକ୍ଷାବିତ୍ ଖଗେଶ୍ୱର ଜେନା, ଭାସ୍କର ଚନ୍ଦ୍ର ବେହେରା, ରବୀନ୍ଦ୍ର ଦାସ, ବ୍ରଜ ବିହାରୀ ବାରିକ୍, ସରପଞ୍ଚ ସର୍ବେଶ୍ୱର ସେଠୀ, ପୂର୍ବତନ ସରପଞ୍ଚ ଅନିଲ ନାୟକ, ବିଜୟ ଧଳ, ସଞ୍ଜୀବ ନାୟକ, ଅମିୟ ଧଳ, ଓଷ୍ଟା ର ସମ୍ପାଦକ ପ୍ରଭାତ ପାଣଗ୍ରାହୀ, ଜିଲ୍ଲା ଯୁଗ୍ମ ସଂପାଦକ ଅନୀଲ ମିଶ୍ର, ସି ଆର ସି ସି ଗୋରାଚାନ୍ଦ ମାଝୀ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ବୁଦ୍ଧିରାମ ବେହେରା ବେଦ ପାଠ କରିଥିଲେ ଓ ବିକାଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଶଶିଧର ପାତ୍ର ମଞ୍ଚ ସଂଯୋଜନା କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା ଓ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

# ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଶ୍ୱ ଆର୍ଦ୍ରତା ଦିବସ ପାଳିତ




ବଡ଼ସାହି, ୩/୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୩୦ତମ ବାର୍ଷିକ ଉତ୍ସବ ତଥା ବିଶ୍ୱ ଆର୍ଦ୍ରତା ଦିବସ ପାଳିତ ହୋଇଯାଇଛି । ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ , ମୁଖ୍ୟ ଅତିଥି ଭାବରେ ସୁଦର୍ଶନ ଦାଶ ବେତନଟୀ ଉପଖଣ୍ଡ ଅଧିକାରୀ , ସ୍ୱତନ୍ତ୍ର ଅତିଥି ରବିନାରାୟଣ ମହାନ୍ତି ଅତିରିକ୍ତ ବନ ସଂରକ୍ଷଣ , ମୁଖ୍ୟବକ୍ତା ଡ. ପ୍ରଦୀପ୍ତ କୁମାର ମିଶ୍ର ନୀଳଗିରି ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ , ସମ୍ମାନୀୟ ଅତିଥି ବ୍ରହ୍ମାନନ୍ଦ ସିଂହ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ , ପର୍ଶୁରାମ ସାହୁ ସମ୍ପାଦକ କଇଁଫୁଲ ଓ ବୈଶିଙ୍ଗା ଥାନାର ଭାରପ୍ରାପ୍ତ ଅଧିକାରୀ ତପନ ପ୍ରଧାନ ଓ ମାଣତ୍ରୀ ଫାଣ୍ଡିର ଅଧିକାରୀ ଲମ୍ବୋଦର ବାରିକ୍ ଆଦି ଯୋଗଦେଇ ଗୁରୁତ୍ୱ ପ୍ରାପ୍ତ ଦୁର୍ଲଭ ଜୀବନକୁ ଆଦର୍ଶ ପୂର୍ଣ୍ଣ କରି ଗଢିତୋଳିବା ପ୍ରତିଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲକ୍ଷ ଓ ଲକ୍ଷଣ ହେବା ବିଧେୟ , ଆଦର୍ଶ ଛାତ୍ର ପାଇଁ ଆଦର୍ଶ ଶିକ୍ଷା ଓ କଠିନ ପରିଶ୍ରମ ଏକାନ୍ତ ଲୋଡା । ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ପୂର୍ବକ ସମାଜ ତଥା ଦେଶ ଗଠନର ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହିତ ଆର୍ଦ୍ରଭୂମି ଓ ପରିବେଶ ଉପରେ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ । ବିଦ୍ୟାଳୟର ବାର୍ଷିକ ବିବରଣୀ ଚିତ୍ତରଞ୍ଜନ ପୁହାଣ ପାଠ କରିଥିଲେ । ପ୍ରଭାସ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ , ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ୱତନ୍ତ୍ର ପୁରସ୍କାର ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ରାଜେନ୍ଦ୍ର କୁମାର ଦାଶ (ଆଲୁମିନି) ଭାବରେ ପୁରସ୍କୃତ ହୋଇଥିଲେ । ସଂଧ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଉମାକାନ୍ତ ସାସମଲ , ପ୍ରମୋଦ କୁମାର ବିନ୍ଧାଣୀ , ସରୋଜ କୁମାର ପଣ୍ଡା , ଧର୍ମେନ୍ଦ୍ର ସିଂ ଯୋଗ ଦେଇ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଆଲୁମିନି ଛାତ୍ର ରାଜେନ୍ଦ୍ର ଦାଶ ବିଦ୍ୟାଳୟକୁ ପଚାଶ ହଜାର ଟଙ୍କା ଦେଇଥିବାରୁ ବିଦ୍ୟାଳୟ ତଥା ଅଂଚଳ ତରଫରୁ ଧନ୍ୟବାଦ ଦେଇଛନ୍ତି । ସର୍ବଶେଷରେ ପ୍ରଭାକର ଉପାଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ଚାଷୀଙ୍କ ନିମନ୍ତେ ସ୍ଥାୟୀ ଜୈବିକ କୃଷି କର୍ମଶାଳା ଆୟୋଜିତ




ରାଉରକେଲା, ୩/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଓ ଏନଆଇଟି ରାଉରକେଲା ଦ୍ୱାରା ବର୍ଜ୍ୟରୁ ଐଶ୍ୱର୍ଯ୍ୟ କାର୍ଯ୍ୟକ୍ରମ ଅଧିନସ୍ଥ ଫେବୃଆରୀ ୧ ତାରିଖ ରୁ ୩ ତାରିଖ ପର୍ଯ୍ୟନ୍ତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ମହିଳା ଚାଷୀଙ୍କ ନିମନ୍ତେ ଏକ ସ୍ଥାୟୀ ଜୈବିକ କୃଷି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାର୍ଶ୍ୱାଞ୍ଚଳ ବ୍ଲକରୁ ୫୫ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ । ମହିଳା ଚାଷୀମାନଙ୍କୁ ଜୈବିକ ଚାଷ ଉପରେ ତତ୍ତ୍ୱଗତ ଏବଂ ବ୍ୟବହାରିକ ଇନପୁଟ୍ ଦିଆଯାଇଥିଲା । ଛତୁ ଚାଷର ଜୈବିକ ଉପାୟ; ଜିଆ ଖତ ପ୍ରସ୍ତୁତି, ଜୈବିକ ଖତ ଏବଂ ଜୈବିକ କୀଟନାଶକ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଇତ୍ୟାଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲାର ପ୍ରଫେସର ଏବଂ ଅନୁସନ୍ଧାନକାରୀ; କେ ଭି କେ ର ବୈଜ୍ଞାନିକମାନେ ଏବଂ ଜୈବିକ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଭିଜ୍ଞ ବ୍ୟକ୍ତିମାନେ ଏଥିରେ ପ୍ରଶିକ୍ଷକ ଥିଲେ। ଭାରତୀୟ କୃଷି ପ୍ରଣାଳୀରେ ଜୈବିକ କୃଷି ପଦ୍ଧତିର ବ୍ୟବହାରକୁ ସହଜ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ପରିଶେଷରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏନ ଆଇ ଟି ରାଉରକେଲା ଓ ଆରଏସପି ସିଏସଆର ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ହଳଦୀପଦା ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ




ବସ୍ତା, ୩/୨ (ନି.ପ୍ର): ଆଜି ହଳଦୀପଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରଥମ ବିଶ୍ୱ ଓଡିଆ ଭାଷାଦିବସ ପାଳିତ ହୋଇଯାଇଅଛି । ଶିଶୁ ମନ୍ଦିରର ସଭାପତି କାର୍ତ୍ତିକ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଭାପତି ଯୁବ ସମାଜସେବୀ ମହେନ୍ଦ୍ର କୁମାର ସାହୁ ଯୋଗଦେଇ ଓଡିଆ ଭାଷା ସାହିତ୍ୟ କଳା ସଂକୃତି ଐତିହ ବିଷୟରେ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ସାହୁ ଯୋଗଦେଇ ଆଜିର ସମାଜରେ ଭଲ ମଣିଷ କରି ଗଢି ତୋଳିବା ହେଉଛି ପିତା ମାତା ଗୁରୁଜୀ ଗୁରୁମା ଙ୍କ ଗୁରୁ ଦାଇତ୍ୱ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗୀତ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାମନ୍ଦିର ର ପ୍ରଧାନ ଆଚାର୍ଯ୍ୟା ସାଗରିକା ଜେନା ବିଦ୍ୟାଳୟର ସମ୍ପାଦକ ଗଣେଶ୍ୱର ସାହୁ, ଆଦିତ୍ୟ ସାହୁ, ଗଣେଶ ସାହୁ, ଶଶିକାନ୍ତ ସାହୁ, ଚନ୍ଦନ ସାହୁ, ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏନ. ରାଜେନ୍ଦ୍ର କୁମାରଙ୍କ ବିୟୋଗରେ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର, ୩/୨ (ନି.ପ୍ର): ଏନ.ରାଜେନ୍ଦ୍ର କୁମାରଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାର ଆମ ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଏନ୍. ରାଜେନ୍ଦ୍ର କୁମାରଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ସହ ଅନେକ ଥର ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଦେଖା ସାକ୍ଷାତ୍ ହୋଇଛି । ରାଜେନ୍ଦ୍ରଙ୍କ ପରି ସ୍ନେହୀ ପିଲା ଦୁନିଆରୁ ଏତେ ଶୀଘ୍ର ବିଦାୟ ନେବା ଖବର ମୋତେ ସହଜରେ ବିଶ୍ୱାସ ହେଉନାହିଁ । ସେ ଜଣେ ପରିଶ୍ରମୀ ଯୁବ କାର୍ଯ୍ୟକର୍ତ୍ତା ଥିଲେ ଏବଂ ଦଳୀୟ କାମରେ ସର୍ବଦା ତତ୍ପର ରହୁଥିଲେ । ତାଙ୍କ ବିୟୋଗରେ ଆମ ଦଳ ଜଣେ କର୍ମନିଷ୍ଠ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ହରାଇଲା । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି।

# ଆହୁରି ୨ ଦିନ ଘନ କୁହୁଡି ସମ୍ଭାବନା

ଭୁବନେଶ୍ୱର, ୩/୨ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଜାରି ରହିଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ମଧ୍ୟ ଏହିପରି ସ୍ଥିତି ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ୨୪ ଘଂଟା ମଧ୍ୟରେ କନ୍ଧମାଳ, ନୟାଗଡ, କୋରାପୁଟ, ରାୟଗଡା, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଭଦ୍ରକ, ୩/୨ (ନି.ପ୍ର): ବରପଦା ଅନ୍ତର୍ଗତ କୁସୁନନଗରସ୍ଥ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି' କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ଡଃ ଅଭୟ କୁମାର ଦାସ। ସମ୍ମାନିତ ଅତିଥି ରୂପେ ଭାଷା, ସଂସ୍କୃତି ପଣ୍ଡିତ ଯୁଧିଷ୍ଠିର ପଣ୍ଡା, ଜୟୀରାମ ଜେନା ଓ ମୁଖ୍ୟ ବକ୍ତା ରୂପେ ସାହିତ୍ୟ ବିଶାରଦ ଜ୍ଞାନ ରଂଜନ ଜେନା ଯୋଗଦେଇ ଭାଷା, ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ପାରସ୍ପରିକ ସମ୍ବନ୍ଧ ଓ ବିଶ୍ୱବ୍ୟାପକ ସମନ୍ୱୟ ଚେତନା ଉପରେ ଉପାଦେୟ ତଥ୍ୟ ଓ ବକ୍ତବ୍ୟମାନ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡ଼ାଲ ଅଫିସର ଅଧ୍ୟାପକ ଅଶ୍ୱିନୀ କୁମାର ପୁହାଣ ପରିଚାଳନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଅଧ୍ୟାପକ ଘନଶ୍ୟାମ ସାହୁ, ରମେଶ ଚନ୍ଦ୍ର ଖୁଣ୍ଟିଆ, ପ୍ରତିଜ୍ଞା ପଣ୍ଡା, ବଙ୍କିମ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ଜେନା। କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗୀ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପ୍ରତିଜ୍ଞା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଚଉମୁଖ ରାମ ପ୍ରସାଦ ହାଇସ୍କୁଲର ବାର୍ଷିକ ଉତ୍ସବ



ବାଲିଆପାଳ , ୩/୨ (ନି.ପ୍ର): ବାଲିଆପାଳ ବ୍ଲକ ଚଉମୁଖ ରାମ ପ୍ରସାଦ ହାଇ ସ୍କୁଲର ଅଣପଚାଶ ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ପଞ୍ଚା ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଜାମଶୂଳୀ କଲେଜ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ଧ୍ରୁବଚରଣ ସଂସ୍କୃତ କଲେଜ ର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥି ଭାବରେ ସୁବର୍ଣ୍ଣରେଖା ସରକାରୀ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ଜଗାଇ ପଦ୍ମ ଲୋଚନ ହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା, ଏସ ଏମ ସି ସଭାପତି ନାରାୟଣ ଖଟୁଆ, ଉପାଧ୍ୟକ୍ଷ ରାଜେଶ କୁ ଚୌଧୁରୀ ପ୍ରମୁଖ ଯୋଗ ଦେଇ ବଡ଼ ମଣିଷ ହେବା ସହିତ ଭଲ ମଣିଷ ହେବାକୁ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ. ଏଥି ପାଇଁ କଠୋର ପରି ଶ୍ରମ ଲୋଡ଼ା ବୋଲି ଅତିଥି ମାନେ କହିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ସେଠି ମଞ୍ଚ ଆହ୍ୱାନ, ମାନସ ରଞ୍ଜନ ଆଚାର୍ଯ୍ୟ ବେଦ ପାଠ ଓ ହୃଦୟ ରଞ୍ଜନ ଦେ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ଛାତ୍ର ବିଭୂତି ଭୂଷଣ ଦେ ଜାପାନ ଅନୁଭୂତି କହିଥିଲେ। ବିଭିନ୍ନ ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ସୁଜାତା ସାହୁ, ନିରୁପମା କର, ଶିବାନୀ ମହାନ୍ତି, ବାଣିଶ୍ରୀ ମୁର୍ମୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଅରବିନ୍ଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସିଦ୍ଧଗୁମ୍ଫାରେ ଭ୍ରାମ୍ୟମାଣ ବୈଠକ ଓ ବନ୍ଧୁ ମିଳନ

ଖଇରା, ୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଭ୍ରାମ୍ୟମାଣ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ହାଟଡିହି ବ୍ଲକର କାହାଲିଆ ଗଡିଆ ପଞ୍ଚାୟତର ସିଦ୍ଧଗୁମ୍ଫା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଉପସଭାପତି ସୁରେନ୍ଦ୍ର ନାଥ ବଳବନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ ଅସୁସ୍ଥ ଥିବା ସଭାପତିଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଆଗାମୀ ଦିନରେ ସାଂଗଠନିକ କାର୍ଯ୍ୟକ୍ରମରେ ବୃକ୍ଷରୋପଣ,ବସ୍ତି ସଫେଇ, ଦେୟମୁକ୍ତ ରୋଗୀସେବା ଉପରେ ଆଲୋଚନା କରାଯାଇଥିଲା । ଗୋଲକ ନାୟକ,ନାରାୟଣ ପେଡା, ସୁଦର୍ଶନ ପାଣିଗ୍ରାହୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ସୁଦର୍ଶନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଣ୍ଡିବେଡ ହାଇସ୍କୁଲରେ ୫୯ତମ ବାର୍ଷିକୋତ୍ସବ



ଖଇରା, ୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ସରକାରୀ ହାଇସ୍କୁଲର ୫୯ତମ ବାର୍ଷିକୋତ୍ସବ ଶନିବାର ଦିନ ମହାଆଡମ୍ବରରେ ପାଳିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଷ୍ଠା ଓ ଅଧ୍ୟବସାୟ ଛାତ୍ରୀଛାତ୍ରଙ୍କୁ ଲକ୍ଷସ୍ଥଳରେ ପହଞ୍ଚାଇବ ବୋଲି କହିଥିଲେ । ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତିଲତା ମହାନ୍ତି, ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଦାସ, ଆଲୁମିନି ସଭାପତି ମଧୁସୂଦନ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଗୌତମ ବେହେରା ବିବରଣୀ ପାଠ ଓ ବିନୟ ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ତାପସ ରଞ୍ଜନ ଦାସ, ସରୋଜ ମଲ୍ଲିକ, ହେମନ୍ତ କୁମାର ସେନାପତି, ନିରଞ୍ଜନ ବେହେରା, ନାରାୟଣ ପଣ୍ଡା,ଚିନ୍ମୟୀ ଦେବସ୍ମିତା ପାଣିଗ୍ରାହୀ, ଅନୁରାଧା ରାଉଳ, ଇତିଶ୍ରୀ ମିଶ୍ର, ସସ୍ମିତା ସାହୁ, ଲକ୍ଷ୍ମୀମଣୀ ଜେନା, ନିଳାମ୍ବର ଗିରି,ସନିମଣି ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆସନ୍ତା ୬ ତାରିଖରେ ଜିଲ୍ଲା ଶ୍ରମ ଦପ୍ତର ଘେରାଉ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୩/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶ୍ରମ ଦପ୍ତରରେ ଆବଶ୍ୟକୀୟ ଅଫିସର ଓ କର୍ମଚାରୀଙ୍କ ଅଭାବରୁ ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରଣିତ ବିଭିନ୍ନ ଆଇନ କାର୍ଯ୍ୟକାରୀ ହୋଇପାରୁ ନଥିବା ଅଭିଯୋଗ କରି ଆସନ୍ତା ୬ ତାରିଖ ମଙ୍ଗଳବାରଦିନ ଜିଲ୍ଲା ଶ୍ରମଦପ୍ତର ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ ସହ ଘେରାଉ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ଉଠାଜଳସେଚନ କର୍ମଚାରୀ ଭବନରେ ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଗଠନ ମାନଙ୍କର ନେତୃବୃନ୍ଦ ଏବଂ କର୍ମୀମାନେ ମଙ୍ଗଳବାର ଦିନ ୧୦ଟାରେ ଗାନ୍ଧିସ୍ମୃତି ଭବନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଶ୍ରମଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଘେରାଉ କରିବେ। ବାଲେଶ୍ୱର ଶ୍ରମଦପ୍ତରରେ ଡିଭିଜୋନାଲ୍ ଲେବର କମିଶନର (ଡିଏଲ୍‌ସି) ଓ କିରାଣୀ, ପିଅନ ପ୍ରଭୃତି ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ତେଣୁ ଶ୍ରମିକ କ୍ଷତିପୂରଣ ଓ ଗ୍ରାଚ୍ୟୁଇଟି ବାବଦରେ ବହୁ ମୋକଦ୍ଦମା ବିଚାର ନହୋଇ ପଡ଼ିରହିଛି। ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରଚଳିତ ଅନ୍ୟାନ୍ୟ ଶ୍ରମଆଇନ୍ ଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁନାହିଁ। ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ଅର୍ଥ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଦାନ କରାଯାଉନାହିଁ। ଇତି ମଧ୍ୟରେ ଆଇନଗତ ପ୍ରାପ୍ୟ ପାଇବା ପାଇଁ କେତେକ ଆବେଦନକାରୀ ଶ୍ରମିକଙ୍କ ମୃତ୍ୟୁ ହୋଇଗଲାଣି। କିନ୍ତୁ ସରକାର କିମ୍ବା ଶ୍ରମବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଶ୍ରମିକମାନେ ଗଣତାନ୍ତ୍ରିକ ପଦ୍ଧତିରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିବାକୁ ବାଧ ହେଉଛନ୍ତି ବୋଲି ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ କହିଛନ୍ତି। ଅନୁଷ୍ଠିତ ବୈଠକରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶ୍ୟାମସୁନ୍ଦର ଜେନା, ବିଷ୍ଣୁପ୍ରସାଦ ମହାନ୍ତି, ବିକାଶ ଦାସ, ମାୟାଧର ନାୟକ, ରାଜକିଶୋର ଲେଙ୍କା, ନିରାକାର ପାଣ୍ଡବ, ନିର୍ମଳ ନାୟକ, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ଦଳାଇ, ଜଗଦୀଶ ଚନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଜଳଧର ପଣ୍ଡା, ସର୍ବେଶ୍ୱର ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀ, ପ୍ରେମରଂଜନ ପାତ୍ର, ବନ୍ଦନା ପାତ୍ର ଓ ସେକ୍ ସଲ୍ଲାଉଦ୍ଦିନ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ମାହାଲ ଧନ୍ୟବାଦ ଦେଇଥିଲେ। ଉକ୍ତଦିନ ଅପରାହ୍ନରେ ଆସନ୍ତା ୧୬ ତାରିଖ ଦେଶବ୍ୟାପୀ ଶିଳ୍ପ ଧମଘଟ ପ୍ରସ୍ତୁତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ଗୌରାଙ୍ଗ'

ଉଦଳା, ୩/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଜଡ଼ାକେନ୍ଦୁ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସୁଶିଲ କୁମାର ସିଂ ଓ ମାତା ଗୋଲାପ ସିଂଙ୍କ ପୁତ୍ର 'ଗୌରାଙ୍ଗ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଗୌରାଙ୍ଗ ପାଠ ପଢ଼ାରେ ଡ଼ୋରି ବାନ୍ଧିବାକୁ ବାଧ ହୋଇଛି ବୋଲି ପରିବାରର ଲୋକେ ଜଣାଇଛନ୍ତି । 'ଗୌରାଙ୍ଗ'ଙ୍କୁ ବର୍ତ୍ତମାନ ବୟସ ୧୩ ବର୍ଷ ବୟସ ଛୁଇଁଥିବା ବେଳେ ସେ ଗ୍ରାମ ନିକଟରେ ଥିବା ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବାର ଜଣାଯାଇଛି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ଗୌରାଙ୍ଗଙ୍କ ପରି ୧୩ ବର୍ଷ ବୟସର ପୁତ୍ର ପାଠ ପଢ଼ାରେ ଡ଼ୋରିବାନ୍ଧି ଦେବାକୁ ବାଧ ହୋଇଛି । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo